ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

## ୮



ସେପ୍‌ଟେମ୍ବର ୨୦୧୨ ସଂସ୍କରଣ

ଓଡ଼ିଆ ଭାଷାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଆହ୍ୱାନ ଓଡ଼ିଆ ପରିବାର

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

( ଏମ୍.ବି.ବି.ଏସ୍., ପିଜିଡ଼ିଏମ୍‌ସିଏଚ୍, ପିଜିଡ଼ିଏଚ୍‌ଏମ୍ )

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ଓଡ଼ିଶା, ୭୬୦୦୧୦ ଫୋନ୍: ୯୦୪୦୯୮୫୪୬୩

ଜ୍ଞାନ ଦାତା, ବିଘ୍ନହର୍ତ୍ତା ଗଣେଶଙ୍କ ଚରଣରେ ସମର୍ପିତ




<u>ପ୍ରଚ୍ଛଦ</u>

ନବକଳିକାଟିଏ ପରି ସବୁବେଳେ ଆହ୍ବାନ

ସମସ୍ତଙ୍କୁ ଆମୋଦିତ କରୁଥିବ ବୋଲି ଆଶା

କରି ଏହି ଫୁଲର ଚିତ୍ର ଚଳିତ ମାସର

ଆହ୍ବାନର ପ୍ରଚ୍ଛଦରେ ସ୍ଥାନ ପାଇଛି |

- ଆହ୍ବାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା। ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ। ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ।
- ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ।
- ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ। ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ।
- ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ। ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ।
- ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ବାରା କିମ୍ବା ଇ-ମେଲ୍ ଦ୍ବାରା ପଠାଇପାରିବେ। ଡ଼ାକ ଦ୍ବାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ବରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ। ଇ-ମେଲ୍ ଦ୍ବାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ।
- ଆହ୍ବାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ବାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ। ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ।
- ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ।

ଆମକୁ ଲେଖା ପଠାଇବା ଠିକଣା : -

## ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର, ୨ୟ ଗଳି, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା, ଫୋନ୍:- ୯୦୪୦୯୮୫୪୬୩

ଇ-ମେଲ୍ : aahwaan@gmail.com

# ସୂଚୀପତ୍ର

ସମ୍ପାଦକୀୟ ୭

ଦି ଟୋପା ଲୁହ ୧୨
କମଳ କୁମାର ଦାଶ

ଅସ୍ପଷ୍ଟ ଅଭିମାନ ୧୩
ଉର୍ମିଳା ମିଶ୍ର

ଥାନାରୁ ଚୋରୀ ୧୪
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଯୁଗଳବନ୍ଦୀ (ଜେନିଫର୍) ୧୫
ସତ୍ୟ ପଟ୍ଟନାୟକ, ଦୀପ୍ସା ରଥ

ଫେସ୍‌ବୁକ୍ ୧୯
ବିଧୁଭୂଷଣ ମିଶ୍ର (ପିଣ୍ଟୁ)

ବାପା ୨୦
ରଞ୍ଜନ କୁମାର ପାଣିଗ୍ରାହୀ

ଯାଜ୍ଞସେନୀ ୨୧
ଦୀପ୍ସା ରଥ

ପୃଥ୍ଵୀର କାନ୍ଦଣା ୨୩
ମୃଗେଶ ବୈଷ୍ଣବ ପାଣିଗ୍ରାହୀ

ଇଚ୍ଛା ୨୫
ଶ୍ବେତା ଆଚାର୍ଯ୍ୟ

କରେଣ୍ଟ ରାଜନୀତି ୨୭
ସ୍ବରୂପ କୁମାର ମଲ୍ଲ

ପିଲାଦିନର କାହାଣୀ ୨୮
ଫେସ୍‌ବୁକ୍‌ରୁ ଉଦ୍ଧୃତ

ସ୍ବପ୍ନର ପ୍ରିୟତମା ୩୦
ସୁଧୀର ନାୟକ

ହରର୍ ସୋ ୩୧
ବନ୍ଦନା ପଣ୍ଡା

ଟିକେ ଗଣେଷ ପରି ହୁଅ ୩୫
ଡ: କୁଳାଙ୍ଗାର

ପୁନରପି ଜନମମ୍ ୩୭
ଶାନ୍ତିଲତା ଦାସ

ମନ ୩୮
ରାମଚନ୍ଦ୍ର ସାହୁ

ପିଠା ୩୯
ସରୋଜ ମିଶ୍ର

ମାଗୁଣୀ ୪୧
ନିତ୍ୟଦର୍ଶନ ମିଶ୍ର

କାର୍ଗିଲ୍ କାନ୍ଦୁଛି ୪୩
ଅସିତ୍ କୁମାର ପଣ୍ଡା

ସୁନ୍ଦ୍ରସୁନ ଦିଘିତ ୪୭
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଫେସ୍‌ବୁକ-୨ ୪୯
ପ୍ରଶାନ୍ତ କୁମାର ଭୂୟାଁ

ଖରା ୫୩
ବିକ୍କି ମିଶ୍ର

ମୋ ଭ୍ରମଣ କାହାଣୀ (ଟରଣ୍ଟୋ) ୫୪
ପ୍ରଶାନ୍ତ କୁମାର ଭୂୟାଁ

ଶେଷ ସମ୍ବାଦ ୬୦

ବିଶେଷ ସୂଚନା ୬୧



# ସମ୍ପାଦକୀୟ

ସାହିତ୍ୟକୁ ଅନେକ ଯୁଗରୁ ଅବହେଳାର ଶୀକାର ହେବାକୁ ପଡ଼ିଛି | ଉଚ୍ଚ ଆସନରେ ବସିଥିବା ମୁଷ୍ଟିମେୟ ଲୋକଙ୍କ ପାଇଁ ସାହିତ୍ୟ ସଉକ ଆଉ ପ୍ରଶଂସା ପାଇବାର ଏକ ଅନନ୍ୟ ଉପାୟ | ଅଥଚ ଲେଖାଲେଖି ପାଇଁ ଜୀବନକୁ ଜଳାଞ୍ଜଳି ଦେଇଥିବା ଲେଖକ ଲେଖିକା ମାନଙ୍କ ପାଇଁ ଏକା ଏକ ମରୁ ଉଦ୍ୟାନ |

ତେଣୁ ସ୍ବାଭାବିକ କଥା ଯେଉଁ ଲୋକମାନେ ଉପର ସ୍ତରରେ ନିଜର କାଟତିକୁ ବ୍ୟବହାର କରି ଆସନ ଅଳଂକୃତ କରି ପାରିଲେ ସେମାନେ ନିଜ ଜୀବନଦେଇ ସେଇ ଆସନକୁ ନିଜର ସର୍ବସ୍ବ କରି ରହିଛନ୍ତି | ଯେତେଦିନ ସେଇ ଆସନରେ ବସିଥିବେ ସେମାନେ ଗୋଟିଏ ମନ୍ତ୍ରକୁ ସିଦ୍ଧ କରି ଚାଲିଥିବେ, "ବ୍ରହ୍ମା ବିଳିବିଳେଇଲେ ବେଦ" | ସେମାନେ ଯାହା ଲେଖିବେ ତାହା ସାହିତ୍ୟ ଆଉ ଅନ୍ୟମାନେ ଯାହା ଲେଖିବେ ସେ ସବୁକୁ ବି ସେମାନେ ହିଁ ପରଖିବେ |

ଏବେ କୌଣସି ଏକ ସାହିତ୍ୟ ସଭାରେ ଚଉକି ଟଣା ଓଟରା ଭିତରେ ଲୁଚି ରହିଥିବା ଅନେକ ଗହନ ଘଟଣାର ଏକ ସମ୍ୟକ ପ୍ରତିଛବି ମାତ୍ର | ପରଦା ଆଢୁଆଳରେ ଏମିତି କେତେଥର ଯେ ସେମାନଙ୍କ ଚଉକି ଟଣା ହୋଇଥିବ ତାହା ସେମାନେ ହିଁ ଜାଣନ୍ତି |

ପ୍ରତିବାଦ କରିବା ପାଇଁ ସାହାସ ଅଛି, ହେଲେ ସ୍ପୃହା କାହିଁ | ସାହିତ୍ୟ ସଭାରେ ବସିବା ପାଇଁ ଦର୍ଶକ ସଂଖ୍ୟା ନଗଣ୍ୟ | ତେଣୁ ଯେଉଁ ଅଣସାହିତ୍ୟିକ ମାନେ ଆସିଥିବେ ସେମାନେ ଦୃଶ୍ୟକୁ ଆମୋଦକର ବୋଲି ଭାବି ଉପଭୋଗ କରିଥିବେ ଆଉ ଯେତିକି ସାହିତ୍ୟିକ ଥିବେ ସେମାନେ ନିଜକୁ ସେଇ ସ୍ଥାନରେ ରଖି ଭବିଷ୍ୟରେ ସେମାନଙ୍କ ସହିତ କଣ ହେବ ସେଇଆ ଭାବି ଚିନ୍ତାରେ ପଡ଼ିଯାଇଥିବେ | ଆଉ ଯେଉଁ କେତେଜଣ ଭଦ୍ରବ୍ୟକ୍ତି ଏହି ତଥାକଥିତ ଗଣ୍ଡଗୋଳକୁ ସମାଧାନ କରିବା ପାଇଁ ଆଗକୁ ବଢ଼ିଥିବେ ଅନ୍ୟମାନେ ସେମାନଙ୍କ ହାତଧରି ଅଟକାଇ ଦେଇଥିବେ | 'ଯାହା ଯେମିତି ହେଉଛି ହେଉଥାଉ, ତୁମକୁ ସେଥିରୁ କଣ ମିଳିବ? କୋଉ ନୋବେଲ୍ ପୁରସ୍କାର ଟେ ଦେଇ ଦେବେ ସରକାର ?' ଏଇମିତି କିଛି ବକ୍ତବ୍ୟ ଶୁଣି ଇଚ୍ଛା ଥିବା ସତ୍ତ୍ବେ ସମସ୍ତେ ନିରବଦର୍ଶୀ

ହୋଇ ରହିଯାଇଥିବେ |

ବାସ ଆମ ସାହିତ୍ୟ ଏମିତି ହିଁ ହେଉଛି | ନା ସାରସ୍ବତ ସାଧନାର ନାଁ ଅଛି ନା କିଛି ମହତ୍ତ୍ବ, ଖାଲି କାଗଜପତ୍ରରେ ସାହିତ୍ୟ ଚର୍ଚ୍ଚା | ଧନ୍ୟ କହିବା ଆମ ଓଡ଼ିଆ ସାହିତ୍ୟିକଙ୍କୁ ଏବଂ ସେମାନଙ୍କ କରିତ୍କର୍ମା ମୁଖିଆ ମାନଙ୍କୁ | ନିକଟ ଅତୀତରେ ସାହିତ୍ୟ ଅକାଦମୀ ଦ୍ବାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଂଗଠନର ବରିଷ୍ଠ ସଦସ୍ୟମାନଙ୍କ ଦ୍ବାରା ମଞ୍ଚାସୀନ ହେବାପାଇଁ ଦେଖାଯାଉଥିବା ଅତ୍ୟଧିକ ଆଗ୍ରହ ଏବଂ ଏହା ଫଳରେ ହେଉଥିବା ଅସୁବିଧାକୁ ନେଇ ଅନେକ ସାହିତ୍ୟିକ ବନ୍ଧୁ ଚିନ୍ତା ବ୍ୟକ୍ତ କରିଥିଲେ | ଫେସ୍‌ବୁକରେ ଏହି ବାବଦରେ ଚିତ୍ର ଓ ବିବୃତି ମାନ ପ୍ରକାଶ ପାଇଥିଲା | ଅନେକ ସାହିତ୍ୟିକ ବନ୍ଧୁ ଏହି ପ୍ରକାରର ବ୍ୟବହାରକୁ ନିନ୍ଦା କରିଥିଲେ ଏବଂ ଅନେକ ଫେସ୍‌ବୁକରେ ଏହି ପରି ଚର୍ଚ୍ଚା କରିବା ଅନୁଚିତ ବୋଲି ମଧ ମନ୍ତବ୍ୟ ଦେଇଥିଲେ |

ସାହିତ୍ୟ ତ ସେମିତିରେ ଅବହେଳିତ, ଏବେ ଆସନ୍ତୁ ସମାଜ ଚର୍ଚ୍ଚା କରିବା | ବିଗତ ମାସ ଭାରତ ଏବଂ ସର୍ବୋପରି ଓଡ଼ିଶାପାଇଁ ଏକ ଘଟଣାବହୁଳ ସମୟ ଥିଲା | କୋଇଲା ଖଣି ଆବଣ୍ଟନ ଦୁର୍ନୀତିର ପର୍ଦାଫାସ୍ ହେବାପରେ କେନ୍ଦ୍ରରେ ରାଜନୀତି ଚଳଚଞ୍ଚଳ ହୋଇ ଉଠିଥିଲା | ଅବସ୍ଥା ଏମିତି ହେଲା ଯେ ବିଗତ ଦୁଇ ସପ୍ତାହଧରି ସଂସଦରେ କୌଣସି କାର୍ଯ୍ୟକଳାପକୁ ବିରୋଧିମାନେ କରାଇ ଦେଲେ ନାହିଁ | ଭାରତୀୟ ଇତିହାସରେ ଏତେ ବଡ଼ ଧରଣର ଘୋଟାଲା କେବେ ହେଇନଥିଲା ବୋଲି ଖୋଦ୍ ସରକାରଙ୍କ ଦ୍ବାରା ଗଠିତ କମିଟି ମନ୍ତବ୍ୟ ଦେଲେ | ଅବଶ୍ୟ ସେଇ ଘଟଣାକୁ ନେଇ ସରକାର ବାରମ୍ବାର ବିବୃତି ଦେବା ସତ୍ତ୍ବେ ବିରୋଧୀମାନଙ୍କୁ ସନ୍ତୋଷ କରି ପାରିନାହାନ୍ତି | 'କୋଲ୍‌ଗେଟ୍' ନାଁରେ କୁଖ୍ୟାତ ଏହି କୋଇଲା ଖଣି କାଣ୍ଡରେ ଯଦି ସତ୍ୟତା ଥାଏ ତେବେ ଭାରତୀୟ ଜନସାଧାରଣଙ୍କ ଉପରେ ଏହା ଏକ ଅନ୍ୟାୟ ବୋଲି କୁହାଯାଇପାରେ |

'କୋଲ୍‌ଗେଟ୍' ଘୋଟାଲା ଉପରେ ସମସ୍ତଙ୍କ ଦୃଷ୍ଟି ହଟାଇବା ଆଶାରେ ସରକାର ବିଗତ ସପ୍ତାହରେ ଏକ ନୂଆ ଘୋଷଣା କରିଛନ୍ତି | ଚାକିରୀ କ୍ଷେତ୍ରରେ ପଦୋନ୍ନତି ପାଇଁ ସ୍ଥାନ ସଂରକ୍ଷଣ କରାଯିବା ପାଇଁ ବିଧେୟକ ଆଗତ ହୋଇଛି | ଅର୍ଥାତ ସରକାରୀ ଚାକିରୀରେ ଅଳ୍ପସଂଖ୍ୟକ ତଥା ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଅଗ୍ରାଧିକାର ଦିଆଯିବାର ଆଇନ୍ | ବିରୋଧୀଦଳମାନେ ଏହା ସରକାରଙ୍କ ଚାଲ୍ ବୋଲି କହୁଥିଲେ

ସୁଦ୍ଧା ଏହି ଆଇନ୍ ବିରୋଧରେ କେହି ସ୍ବରଉତ୍ତୋଳନ କରିନାହାନ୍ତି | ଭାରତୀୟ ରାଜନୀତିଜ୍ଞ ମାନେ ନିଜ ସୁବିଧା ପାଇଁ ସଂରକ୍ଷଣକୁ ଯୁଗେ ଯୁଗେ ସମ୍ମତି ପ୍ରଦାନ କରି ଆସିଛନ୍ତି | ଯଦିଓ ଏହାଦ୍ବାରା ସମାଜରେ ଅସଂହତି ବୃଦ୍ଧି ହେଉଛି ଏବଂ ସମାଜକୁ ବିଭାଜନ ପଥରେ ଆଗକୁ ନେଉଛି, ଏହା ଆମ ରାଜନେତାମାନେ ଦେଖିବା ଏବଂ ଅନୁଭବ କରିବାକୁ ଅନିଚ୍ଛୁକ |

ସ୍ବାଧୀନତାର ଛଅ ଦଶନ୍ଧିପରେ ବି ସଂରକ୍ଷଣ ପରି ଏକ ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇ ପାରିଲା ନାହିଁ, ବରଂ ପ୍ରତ୍ୟେକ ସାଧାରଣ ନିର୍ବାଚନ ସମୟରେ ଏହାକୁ ଆହୁରି ଅଧିକ ଅଧିକ ବଢ଼ାଇ ଦିଆଗଲା | ଅବସ୍ଥା ଏମିତି ହେଲାଣି ଯେ ବର୍ତ୍ତମାନ ସଂରକ୍ଷଣ ପାଇବା ପାଇଁ ସମାଜର ବିଭିନ୍ନ ବର୍ଗର ଲୋକମାନେ ଆନ୍ଦୋଳନଗତ କାର୍ଯ୍ୟାନୁଷ୍ଠାନ କରିବାପାଇଁ ଆଗଭର ହେଲେଣି | ମଧ୍ୟବିତ୍ତ ଓ ସ୍ବଚ୍ଛଳ ବର୍ଗ ପାଇଁ ଏକ ଅଭିଶାପ ହୋଇଯାଇଛି ସଂରକ୍ଷଣ | ସମସ୍ତ ଯୋଗ୍ୟତା ଥିବା ସତ୍ତ୍ବେ ସ୍ବଚ୍ଛଳ ବର୍ଗର ପିଲାମାନଙ୍କୁ ଶିକ୍ଷା ଓ ଚାକିରୀରେ ଅଗ୍ରାଧିକାର ମିଳୁନାହିଁ, ଅଥଚ ଅଳ୍ପଯୋଗ୍ୟତା ଥିବା ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ସବୁକ୍ଷେତ୍ରରେ ଅଗ୍ରାଧିକାର ମିଳୁଛି | ୧୯୯୪ ମସିହାରେ ମଧ୍ୟପ୍ରଦେଶରେ ମେଡ଼ିକାଲ୍ ଏଣ୍ଟ୍ରାନ୍ସ ପରୀକ୍ଷାରେ କୌଣସି ଅନୁସୂଚିତ ଜାତି ଓ ଜନଜାତି ପିଲା ପରୀକ୍ଷାରେ କୃତକାର୍ଯ୍ୟ ହେଲେ ନାହିଁ, କିନ୍ତୁ ସରକାରଙ୍କ ନିୟମ ଅନୁଯାୟୀ ଫେଲ୍ ହୋଇଥିବା ପିଲାମାନଙ୍କ ମଧ୍ୟରୁ ହିଁ ଅନେକଙ୍କୁ ମେଡ଼ିକାଲରେ ପାଠ ପଢ଼ିବାର ସୁଯୋଗ ଦିଆଗଲା, ଅଥଚ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସ୍ବଚ୍ଛଳ ବର୍ଗ ପିଲାଙ୍କୁ ପାଠ ପଢ଼ିବାର ସୁଯୋଗ ଦିଆଗଲାନାହିଁ | ସେହିପରି ବ୍ରହ୍ମପୁର ବିଶ୍ବବିଦ୍ୟାଳୟର ଅର୍ଥନୀତି ବିଭାଗରେ ଖାଲିଥିବା ଏକ ଅଧ୍ୟାପକ ପଦବୀ ଦୀର୍ଘ ବର୍ଷହେଲା କେବଳ ପ୍ରାର୍ଥୀ ଅଭାବରୁ ଖାଲି ପଡ଼ିଛି, ଯଦିଓ ଅନେକ ପ୍ରାର୍ଥୀ ଅଛନ୍ତି, କିନ୍ତୁ ଯେହେତୁ ଏହା ଏକ ସଂରକ୍ଷିତ ପଦ ତେଣୁ ଏହି ପଦବୀରେ ସ୍ବଚ୍ଛଳ ବର୍ଗର ପ୍ରାର୍ଥୀଙ୍କୁ ଜଏନ କରିବାର ଅଧିକାର ଦିଆଯାଇନାହିଁ |

ଭାରତୀୟ ଗଣତନ୍ତ୍ରରେ ଅସମାନତାର ଅନେକ ଉଦାହରଣ କେବଳ ଉପରେ ଦିଆଯାଇଥିବା କିଛି ତଥ୍ୟରୁ ପାଇ ପାରିବେ | ଆମେ ଭାରତକୁ ସର୍ବଭୌମ ରାଷ୍ଟ୍ର ରୂପେ ଗଣୁଥିଲେ ସୁଦ୍ଧା ଏଠାରେ ଜାତିଗତ ବିଭେଦକୁ ସ୍ବୟଂ ସଂସଦ ଭଳି ଏକ ସଂସ୍ଥା ପ୍ରତ୍ୟକ୍ଷ

ଓ ପରୋକ୍ଷଭାବରେ ପ୍ରୋତ୍ସାହିତ କରୁଛନ୍ତି । ସଂରକ୍ଷଣ ବ୍ୟବସ୍ଥା ଆମ ଦେଶକୁ ଦୁର୍ଗତି ଆଡ଼କୁ ଟାଣି ନେଉଛି ।

ବିଗତ ଦିନରେ ଆଉ ଏକ ସରକାରୀ ଘୋଷଣା ବହୁତ ଚର୍ଚ୍ଚାର ବିଷୟ ହୋଇଥିଲା । ସରକାରଙ୍କ ଦ୍ବାରା ଘୋଷଣା କରାଯାଇଥିଲା ଯେ ଗରିବୀ ରେଖାତଳେ ରହୁଥିବା ପ୍ରତ୍ୟେକ ପରିବାରକୁ ମାଗଣାରେ ମୋବାଇଲ୍ ଯୋଗାଇ ଦିଆଯିବ ଏବଂ ସେହି ସବୁ ମୋବାଇଲ୍ ପାଇଁ ଆନୁସଙ୍ଗିକ ଅର୍ଥ ଓ ଯନ୍ତ୍ରପାତି ସରକାର ମାଗଣାରେ ଯୋଗାଇ ଦେବେ । ଅଦ୍ଭୁତ ଘୋଷଣା, ଯେଉଁଠି ଲୋକମାନଙ୍କ ଘରେ ବିଦ୍ୟୁତ ନାହିଁ ସେଠି ଲୋକମାନେ ମୋବାଇଲ୍ ବ୍ୟବହାର କରିବେ କେମିତି ? ଖାଇବା ପାଇଁ ଦି'ଓଳି ଦି ମୁଠା ପାଉନଥିବା ଲୋକ ମୋବାଇଲ୍ ନେଇ କରିବ କଣ ? ଲୋକମାନଙ୍କୁ ମିଥ୍ୟା ପ୍ରତିଶୃତି ସବୁ ଦେଇ ଭୋଟ ବ୍ୟାଙ୍କ ରାଜନୀତି କରୁଥିବା ରାଜନୀତିଜ୍ଞମାନେ ଏହି ପରି ଅନେକ ଅପ୍ରିୟ ଘୋଷଣା ସବୁ କରି ଆସିଛନ୍ତି ଏବଂ ଭବିଷ୍ୟରେ କରୁଥିବେ ମଧ୍ୟ । ଏଥିରୁ ସହଜରେ ଅନୁମେୟ ଯେ ସରକାରରେ ରହୁଥିବା ପ୍ରତ୍ୟେକ ରାଜନୀତିଜ୍ଞ ନିଜ ସୁବିଧା ଓ ଲାଭ ପାଇଁ ହିଁ କାମ କରୁଛନ୍ତି, ସର୍ବସାଧାରଣଙ୍କ ଉନ୍ନତି ସେମାନଙ୍କ ପାଇଁ ନାହିଁ ।

ପିଲାଦିନେ ବାପା କହୁଥିଲେ, 'ଯେଉଁ ପିଲାକୁ ତୁମେ ନିଜ ହାତରେ ଖୁଆଇବ, ସେ କେବେ ବି ନିଜ ହାତରେ ଖାଇବ ନାହିଁ । ' ଏବେ ଭାରତର ଅବସ୍ଥା ସେମିତି ହୋଇଗଲାଣି । ଆମ ସରକାରରେ ରହୁଥିବା ମନ୍ତ୍ରୀନେତା ମାନେ ଲୋକମାନଙ୍କୁ ମାଗଣାରେ ବିଭିନ୍ନ ଜିନିଷ ଓ ସେବା ଯୋଗାଇ ଦେବାର ନିର୍ଭର ପ୍ରତିଶୃତି ଦେଇ ଦେଇ କର୍ମକୋଢ଼ିଆ କରି ଦେଲେଣି । ଦୁଇ ଟଙ୍କିଆ ଚାଉଳର ପ୍ରଚଳନ ଏହାର ଏକ ନିକୃଷ୍ଟ ଉଦାହରଣ ହୋଇପାରେ । ମାତ୍ର ଦୁଇଟଙ୍କାରେ ମାସିକ ୩୫ କିଲୋ ଚାଉଳ ପ୍ରତି ପରିବାରକୁ ଦିଆଯିବାର ଘୋଷଣା କରିବାପରେ ଏବେ ଲୋକମାନେ ଆଉ ନିଜ କର୍ମସଂସ୍ଥାନକୁ ଯାଉନାହାନ୍ତି । ଦିନଟିଏ ମଜୁରୀ କରିଦେଲେ ମାସ ସାରାପାଇଁ ଚାଉଳ ମିଳିଯାଉଛି, ତେଣୁ ସବୁଦିନ କାମ କରିବାକୁ ଯିବା ଦରକାର ହେଉନି । ସେଇଥି ପାଇଁ ଲୋକମାନେ ଆଉ କର୍ମସଂସ୍ଥାନ ଖୋଜୁନାହାନ୍ତି । ଏହି ପରି ଅନେକ ସରକାରୀ କାର୍ଯ୍ୟକ୍ରମ ଦ୍ବାରା କାହାର ଲାଭ ହେଉଛି ତାହା ଏବେ ସମସ୍ତେ ବୁଝି ପାରୁଥିବେ ।

ରାଜାରାଜୁଡ଼ା ଚାଲିଗଲେ, ହେଲେ ନିଜକୁ ରାଜାଙ୍କଠାରୁ କିଛି କମ୍ ବୋଲି ଭାବନ୍ତି ନାହିଁ ଆଜିକାଲିର ରାଜନେତା | ଏହି ଦେଶର ଭବିଷ୍ୟ ସେହିମାନେ ନିର୍ଦ୍ଧାରଣ କରିବେ, ଯେଉଁମାନେ ମାତ୍ର ପାଞ୍ଚ ବର୍ଷରେ ନିଜ ସମ୍ପତ୍ତିକୁ ପାଞ୍ଚଶହ ଗୁଣ ବଢ଼ାଇ ଦିଅନ୍ତି | ସ୍କୁଲ ଶିକ୍ଷୟିତ୍ରୀ ଜଣେ ରାଜନୀତିରେ ଆସିବାପରେ ଶହେ କୋଟିର ମାଲିକାଣୀ ହୋଇପାରେ, ସେହି ଦେଶରେ କେହି ଗରିବ ରହିବା ଉଚିତ ନୁହେଁ | ଯଦି ସଂରକ୍ଷଣ ବ୍ୟବସ୍ଥାକୁ ଶୀଘ୍ର ବନ୍ଦ କରାନଯାଏ, ତେବେ ସମାଜରେ ବ୍ୟାପକ ଅରାଜକତା ବ୍ୟାପିବ ଏବଂ ଅସମାନତା ଆସିବ ସେଥିରେ ସନ୍ଦେହ ନାହିଁ |

ସାହିତ୍ୟ ପତ୍ରିକାରେ ରାଜନୀତି ଚର୍ଚ୍ଚା କରିବା ଯଦିଓ ଖାପଛଡ଼ା ଲାଗେ, ହେଲେ ଯେତେବେଳେ ମନକୁ କଷ୍ଟ ହେଉଥାଏ ସେହି ସମୟରେ ସାହିତ୍ୟ ଓ ରାଜନୀତିରେ କିଛି ଫରକ ଜଣା ପଡ଼େନି | ଆଗାମୀ କାଲି ଆମର ଭବିଷ୍ୟ ପୀଢ଼ି ଏହି (ସଂରକ୍ଷଣ) କଷ୍ଟକୁ ଆହୁରି ଅଧିକ ଭୋଗ କରିବ ଚିନ୍ତା କଲେ ନିଦ ଆସୁନି | ଆମ ପିଲାମାନେ ସବୁ କିଛି ଯୋଗ୍ୟତା ଥାଇ ସୁଦ୍ଧା ଶିକ୍ଷା, ଚାକିରୀ ଓ ପଦୋନ୍ନତିରେ ଅଗ୍ରାଧିକାର ପାଇବେ ନାହିଁ | କେବଳ ଭଗବାନ ହିଁ ଏହି ଦେଶର ରକ୍ଷା କରିପାରିବେ |

ଶେଷରେ ଆଶା କରୁଛି ଏହି ମାସର ଆହ୍ବାନ ଆପଣ ମାନଙ୍କୁ ପସନ୍ଦ ଆସିବ |

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ଦି ଟୋପା ଲୁହ

କମଳ କୁମାର ଦାଶ



ସତରେ କାହିଁକି ଲୁହ ଦୁଇ ଟୋପା
ଲାଗେ ଏତେ ଆପଣାର
ଖୁସିରେ ଦୁଃଖରେ ମୋ ଆଖିରୁ ଝରେ
ବରଷା ସେ ଅନ୍ତରର —୧

କେବେ ବ୍ୟଥା ହୋଇ ଆଖିରୁ ଝରେ ସେ
କେବେ ବା ବେଦନା ହୋଇ
ଆପଣା ଲୋକଙ୍କ କଷଣରେ କେବେ
ଯାଏ ସେ ଅନ୍ତର ଧୋଇ —୨

ମାନ ଅପମାନେ ଅବା ଅଭିମାନେ
ଆଖି ମୋର କରେ ଓଦା
ସମ୍ପର୍କ ତୁଟିଲେ କେହି ଦୂରେଗଲେ
ଓଦା ମୋ ମନ ପରଦା —୩

ଖୁସିରେ ଝରେ ସେ ମୁକ୍ତା ବିନ୍ଦୁ ହୋଇ
କେବେ ବନ୍ଧୁ ମିଳନରେ
ଆଉ କେବେ ଝରେ ଜୀବନ ପଥରେ
ସ୍ବପ୍ନ ସତ୍ୟ ହେଲା ପରେ —୪



# ଅସ୍ପଷ୍ଟ ଅଭିମାନ

ଉର୍ମିଳା ମିଶ୍ର

ନା...
ନଥିଲା ତୁମ ଅସ୍ତିତ୍ବ
ତାରା ମେଳରେ, ଚନ୍ଦ୍ର ଜ୍ୟୋସ୍ନାରେ
ମଳୟର ଚୋରା ପୀରତିରେ
ଅବା...
ନୀଳ ସାଗରର ଉଚ୍ଛୁଳା ଯୌବନରେ
କିଏ ଯେମିତି ଛଡ଼େଇ ନେଇଛି
ଆତ୍ମାକୁ ଶରୀରରୁ...

ଗୋଟିଏ ଦୀର୍ଘଶ୍ବାସର ବଳୟ
ମୁଠା ମୁଠା ସ୍ମୃତି ଖସିପଡ଼େ
ହାତ ମୁଠାରୁ,
ବିଶ୍ବାସ ଆତ୍ମହତ୍ୟା କରୁଛି ବୋଧେ
ଅଭିମାନରେ ପ୍ରତି ମୁହୂର୍ତ୍ତରେ...

ଦେଖୁନ ସେ ଅମାନିଆ ସ୍ବପ୍ନ ଗୁଡ଼ିକୁ
ଏକ... ଦୁଇ... କଦମ୍‌ତାଲ୍ କରି ଆସୁଛନ୍ତି
ପ୍ରଜାପତିଠୁ ରଙ୍ଗ ନେଇ,
କିନ୍ତୁ, ଏଠି ତ... ଗଙ୍ଗା ଯମୁନାର
ପୂର୍ଣ୍ଣମିଳନ
ରଙ୍ଗିନ ଚିତ୍ରପଟ
ବେରଙ୍ଗ ପୁଣି.. କୁଆଁତାରାର ଆଖି ମିଟିକାରେ

ଏବେ ତ ଶରୀରରୁ ଆତ୍ମା, ବାହାରିଗଲା ପ୍ରାୟ
ଆଶା ବଞ୍ଚିଛି ସୂତା ଖିଅର ପାଥେୟରେ
ଜହ୍ନରୁ ତ ଆୟୁଷ ନେଇ ଜିଇଁଛି କୁମୁଦିନୀର ପ୍ରତୀକ୍ଷାରେ...

ମୁଁ ଜାଣିଛି,
ତୁମେ ଆସିବ
ଅପେକ୍ଷା ରୁଗ୍ଣ ହେବା ଆଗରୁ,
ଦେଖିବ ପ୍ରତିବିମ୍ବ, ନିଗିଡ଼ା ଅସହାୟ

# ଥାନାରୁ ଚୋରୀ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଥାନା ଦୁଆରେ ଥାନା ବାବୁ ବିଚଳିତ ହୋଇ ଠିଆ
ମୁଣ୍ଡରେ ହାତ ଦେଇ ଭାଳନ୍ତି ଚାବି ନ ଦେଲି କିଆଁ...
ନୂଆ ଯୌତୁକ ମିଳିଥିଲା ଯେ ଗାଡ଼ି ଫଟଫଟିଆ
ମାଗଣାରେ କେ କିଣିନେଇକି ମାରିଦେଇଚି ଡିଆଁ...
ଆସ୍ତେ କରି ଡାକିଲେ ବାବୁ କନିଷ୍ଟବଳ ତୁ ଯାଆ
ମୋ ଗାଡ଼ି କେ ଚୋରାଇନେଲା ବୁଝାବୁଝି କରି ଆ...
କାନକୁ ଧରି କହିଲା ହରି ଚାକିରୀ ପଛେ ନିଅ
ଗାଡ଼ି ଖୋଜିବା ପାଇଁ ହଜୁର୍ ଆଦେଶ ନ ଦିଅ...
ବାଡ଼ିଟେ ଧରି ହାତରେ ମୁଁ କେଉଁଠି ଖୋଜୁଥିବି
ମାଉଜର୍ ଧରି ଛକିଥିବେ, ନାଛିଦେଲେ ମରିଯିବି...
ବଡ଼ ବିକଳ ଥାନା ବାବୁଙ୍କୁ ଲାଗିଛି ମା'ଙ୍କ ଭୟ
ବାପାଘରର ଗାଡ଼ିଟା ନ ମିଳିଲେ ହେବେ ଅଥୟ...
ଫୋନ୍ ଉଠେଇ ଥାନାବାବୁ ଏସ୍‌ପିଙ୍କୁ ଦେଲେ ଖବର
ଏସ୍‌ପି ଆଜ୍ଞା ଫୋନରେ ପଶି ବକିଦେଲେ ଜବର...
ଦେଖୁ ଦେଖୁ ବେଳ ଗଡ଼ି ରାତିହେବାକୁ ଆସିଲା
ଜଣେ ଜଣେ କରି ଘରକୁ ଗଲେଣି ବସିଲେ ସେ ଏକଲା...
ମା' ଶୁଣିଲେ ଚୋରୀ ଖବର ଖଣ୍ଡଯୁଦ୍ଧ ହେବ ନିଶ୍ଚୟ
କିଛି ନହେଲେ ଛାଡ଼ପତ୍ର ଟା ହେଇଯିବାର ଭୟ...
ଥାନାକୁ ଛାଡ଼ି ଖୋଜିଲେ ଗାଡ଼ି ମାଓବାଦୀ ଦେବେ ଉଡ଼େଇ
ଛାଡ଼ପତ୍ର ପଛେ ସ୍ବୀକାର କରିବେ, ନଦେବେ ପ୍ରାଣକୁ ହରେଇ...
ଘରକୁ ଯିବେ ଥାନା ବାବୁ, ତାଙ୍କ ପାଇଁ ଜିପ୍ ହୋଇଗଲା ଅଣା,
ପରଦିନର ଖବର କାଗଜେ ବାହାରିଥିଲା ବାବୁଙ୍କ ଦୁର୍ଘଟଣା...
ହାତ ଭାଙ୍ଗିଛି, ଗୋଡ଼ ବିନ୍ଧୁଛି, ମୁଣ୍ଡ ଯାଇଛି ଫୁଲି
ଲାଜରେ କାହାକୁ କହିନ'ପାରନ୍ତି ମା' ମାରିଛନ୍ତି ବୋଲି...



# ଯୁଗଳବନ୍ଦୀ (ଜେନିଫର୍ )



ସତ୍ୟ ପଟ୍ଟନାୟକ, ଦୀପ୍ସା ରଥ

ଭୋର୍ ହେବାକୁ ଏବେ ବି ଡେରୀ ଅଛି
ଆଉ କିଛି କ୍ଷଣ ରହିଯାଅ
ଆପାଲାସିଆନର ପାହାଡ଼ କୋଳରେ
ଜହ୍ନ ଅସ୍ତଯିବା ପାଇଁ
ଏବେ ଉଛୁର ହୋଇନି |

ଜେନିଫର୍ ! ତୁମେ ଆସିଲାପରେ
ତୁମକୁ ସଜେଇଥିଲି ନିଜ ହାତରେ
ମଥାରେ ଲଗେଇଦେଲି
ମୋର ଅନ୍ତରଙ୍ଗତାର ଶୁଭ୍ର ଚନ୍ଦନଟିପା
ଆଖିରେ ପିନ୍ଧେଇ ଦେଲି
ମୋର ପ୍ରୀତିର କେତକୀ କଜ୍ଜ୍ବଳ
ପାଦରେ ରେଖିଦେଲି
ମୋର କାମନାର ରଙ୍ଗ ଅଳତା
ପାପୁଲିରେ ବୋଳିଦେଲି
ମୋର ଭରସାର ମଞ୍ଜୁଆତି
ଓଠରେ ଫୁଟେଇଦେଲି
ମୋର ବିଶ୍ବାସର କୃଷ୍ଣଚୂଡ଼ା
ମୋର ଅୟୁତ ଚୁମ୍ବନର
ଗୋଲାପ ପାଖୁଡ଼ାରେ ବୁଣିଦେଇ
ଗୋଲାପୀ ଶାଢ଼ୀଟିଏ ପିନ୍ଧେଇଦେଲି ତୁମକୁ
ଆଉ କିଛି କ୍ଷଣ ରହିଯାଅ
ତୁମ ଗଭାରେ ବାନ୍ଧିଦେଇଥିଲି ମଲ୍ଲୀମାଳ
ଏବେ ବି ମଉଳିନି |

ଜେନିଫର ! ତୁମେ ଗଲାପରେ
ତୁମର ଅସ୍ତିତ୍ବ ବିଛଣା ଉପରେ
ସ୍ମୃତିର ହାଲ୍‌କା ଗାରଟିଏ ହୋଇ ପଡ଼ିଥିବ
ତୁମର ମୁକୁଳା କେଶ
ମୋ ଦେହସାରା ଛନ୍ଦି ହେଉଥିବ
ଘରସାରା ତୁମ ଦେହର ହାଲ୍‌କା ବାସ୍ନା
ତୁମର ଥିବା ଥିବା ଭାବର ସୂଚନା ଦେଉଥିବ
ତୁମ ଗଭାରୁ ଝଡ଼ିଯାଇଥିବା ମଲ୍ଲୀକଢ଼
ଅଥବା ଶାଢ଼ୀର ଗୋଲାପ ପାଖୁଡ଼ା
ଇତଃସ୍ତତ ସାରାଘର ତୁମର ଅନୁପସ୍ଥିତିର
କାହାଣୀ ଶୁଣାଉଥିବ
ତୁମେ ଗଲାପରେ
କେବଳ ଅନ୍ଧାର ହିଁ ଥିବ
ମୋର ଆତ୍ମା ତୁମ ପଛେ ପଛେ ଚାଲିଯାଇଥିବ
ଏକାକିପଣର ଶରବିଦ୍ଧ ଶରୀରକୁ ଧରି ମୁଁ
ଏପାଖ ସେପାଖ ଘୁରି ବୁଲୁଥିବି
ପୁଣି ତୁମର ଫେରିବାର
ମାହେନ୍ଦ୍ର ମୁହୂର୍ତ୍ତର ଅପେକ୍ଷାରେ |

ଭୋର ହେବାକୁ ଏବେ ବି ଡେରୀ ଅଛି
ଆଉ କିଛି କ୍ଷଣ ରହିଯାଅ
ତୁମ ମନରେ ବୁଣି ଦେଇଥିଲି ସ୍ବପ୍ନ
ଏବେ ବି ଫିକା ପଡ଼ିନି
ଏବେ ବି ନିଃଶ୍ବାସରୁ ଉଷ୍ଣତା କମିନି
ପାରୁଛ ତ, ଆଉ କିଛି କ୍ଷଣ ରହିଯାଅ |

ଫୁଲମାନେ ଫୁଟିବେ ଅଳ୍ପକେ

ପକ୍ଷୀମାନେ ଯିବେ ଯେ ଯା' ବାଟେ
ସକାଳର ସିନ୍ଦୁରା ଫାଟିନି
କିଛି କ୍ଷଣ ରୋକିନିଅ ମୋତେ |
ମୁଁ ଆସିଲା ପରେ
ତୁମର ବେଷ୍ଟନୀ ଲେଖିଥିଲା
ମୋ ଅସ୍ତିତ୍ବର ସଂଜ୍ଞା
ମଥାଠୁ ପାଦ ପର୍ଯ୍ୟନ୍ତ
ଗଢ଼ି ଦେଇଥିଲ ପ୍ରାପ୍ତିର ଭୂସ୍ବର୍ଗ
ସଞ୍ଜର ପଦ୍ମପାଖୁଡ଼ା ପରି
ମୁଦି ହୋଇଯାଉଥିବା
ମୋର ଅଳସ ଆଖିକୁ
ଦେଇଥିଲ ପ୍ରୀତିର ଅଞ୍ଜନ ପରଶ |
ତୁମ ମୋହନ ଆଙ୍ଗୁଠିରେ ପୋଛି ଦେଇଥିଲ
ମୋ କପାଳର ବିନ୍ଦୁ ବିନ୍ଦୁ ବ୍ୟର୍ଥତାର ସ୍ବେଦ
ମୋର ବାରଣ ସତ୍ତ୍ବେ ବି
ଜିଦ୍ କରି ଆଉଁସି ଦେଇଥିଲ
ମୋର ଥକିଲା ପାଦ ମାନଙ୍କୁ
ଶୁଖିଲା ଓଠରେ ମୋର ଭରି ଦେଇଥିଲ
ନରମ ଓଠର ଆର୍ଦ୍ରତା
ପାପୁଲିର ପରିଧି ଭିତରେ ମୋର
ମଉଳା ମୁହଁକୁ ଆବୋରି
ଅନୁରୋଧ କରିଥିଲ
ରହିଯିବା ପାଇଁ ଆଉ କିଛି କ୍ଷଣ
ଶବ୍ଦ ସବୁ ଥିଲେ ନିଶ୍ଚଳ ନିଶ୍ଚୁପ
କେବଳ ଯାହା ଶୁଣାଯାଉଥିଲା
ନିଃଶ୍ବାସର ନିସଙ୍ଗ ନୂପୁର |
ମୁଁ ଫେରିଲା ପରେ
ମୁଁ ଦେଖୁଛି ମୁଁ ଆଉ ମୁଁ ହୋଇ ନାହିଁ

ମୋ ଜୀବନ, ମୋ ଦୁନିଆ ସବୁ ଅସ୍ତବ୍ୟସ୍ତ
ପ୍ରତିଟି ଆସନ୍ନ ମୁହୂର୍ତ୍ତ
ତୁମ ବିନା ପାଲଟିଛି
ଗୋଟେ ଗୋଟେ ଦୁଃଖର ପର୍ବତ |

ତୁମେ ମନେ ମନେ ଭାବୁଥିବ
ମୁଁ କେମିତି ଫେରିଗଲି
ମୁଁ କିନ୍ତୁ ଦେଖୁଛି, ମୁଁ ଫେରିଲାବେଳେ
ଏ ଆତ୍ମାକୁ ତୁମ ପାଖେ ଛାଡ଼ି ଯେ ଆସିଲି |
ତୁମେ କୁହ ମୋ ଆଖିରୁ
ଲୁହ ବୁନ୍ଦେ ଝରିଗଲେ
ତୁମ ଆକାଶରେ ଅଚାନକ
ବର୍ଷା ହୋଇଯାଏ
ମୁଁ କିନ୍ତୁ ଦେଖୁଛି
ତୁମ ପାଖୁ ଫେରିଲାପରେ
ଯେହେତୁ ମୋ ଆତ୍ମା
ତୁମ ପାଖେ ବନ୍ଧା ପଡ଼ିଥାଏ
ମୁଁ ଏଠି ବାରମ୍ବାର ବଞ୍ଚିବାର
ନାଆଁ ନେଇ ଖାଲି ମରୁଥାଏ |
ପ୍ରିୟ କବି !
ତୁମ ବିନା କିଛି ଏଠି ଭଲ ଲାଗେ ନାହିଁ
ତୁମ ବିନା ଖୋଜେନା କାହାରେ
ଫେରୁଥିବି ତୁମରି ପାଖକୁ
ସବୁ ଜନ୍ମେ ସବୁ ମୁହୂର୍ତ୍ତରେ
ମିଳନରେ ଖୋଜିବି ନିର୍ବାଣ
ଯୁଗ ଯୁଗ ତୁମ ଅପେକ୍ଷାରେ |



# ଫେସ୍‌ବୁକ୍

ବିଧୁଭୂଷଣ ମିଶ୍ର (ପିଣ୍ଟୁ)

ଫେସ୍ ବଏଲେ ମୁହୁଁ ଆର୍ ବୁକ୍ ବଏଲେ ବହି

ହେଲେ ଇ ଫେସ୍-ବୁକ୍ ବଏଲେ କାଣା ଯେ, କିହେ ନେ ପାର୍ବାର କହି |

ଧଏନ୍ ଧଏନ୍ ରେ ଇ ଫେସ୍-ବୁକ୍‌ର ମାୟା,

ଇତାର୍ ଫାନ୍ଦେ ରଙ୍ଗ୍‌ଲା ଛୁଆ ନୁ ଗଙ୍ଗାଜଲ୍ ପିଆ ବୁଢ଼ା ତକ୍,

ସଭେଁ ହଉଛନ୍ ବାୟା |

ଇ ଫେସ୍-ବୁକ୍ ପରେ ଆଏ ଫେର୍ କାଣା ଗୁଟେ ସୋସିଆଲ୍ ନେଟ୍-ଓ୍ୱାର୍କ୍ | ହେଲେ

ସୋସିଆଲ୍ ବଏଲେ ତ ସାମାଜିକ୍, ଆର୍ ନେଟ୍-ଓ୍ୱାର୍କ୍ ବଏଲେ ଆଏ ଜାଲି କାମ୍ ବଲି ଡିକ୍‌ସ୍‌ନେରୀ ଦୌଛେ ଡାକ୍ |

ବଏଲେ ସଫା ସଫା ପଏଦ୍ କେ କହେଲେ, ଇ ଫେସ୍-ବୁକ୍ ହଉଛେ ଏନ୍ତା ଗୁଟେ ମୁହୁଁ ବହି,

ଯେନ୍, ଜାଲିକାମ୍ କେ ବି ମିଶିକରି ଠାନ୍ କେ କରସନ୍ ସଭେଁ ହେଇ ବହେନ୍, ଦାଦା ଆର୍ ଭାଇ |

ଆଏଜ୍‌କେଲ୍ ସବୁଠାନେ, ଏନ୍ତା କି ମୁବାଇଲେ ଘଲା ଚଲୁଛେ ଇ ଫେସ୍-ବୁକ୍,

ଜୁଆନ୍ ଠାନୁ ବୁଢ଼ା ତହ୍ ସଭେଁ ଦଉଛନ୍ ଘେକେ ଛନ୍‌କେ, ଇ ମୁବାଇଲ୍ କେ ଲୁକ୍,

ମନ୍‌ଟା ହଉଥିସୀ ସୁକ୍ ସୁକ୍, ଫେର୍ କାଏନ୍ ଟା ନୁଆଁ ବଏଲା ଇ ଫେସ୍-ବୁକ୍ !!!

ଧଏନ୍ ଧଏନ୍ ରେ ଇ ଫେସ୍-ବୁକ୍, ଇତାର୍ ଲାଗି ପାଠ୍ ପଢ଼ା ଛୁଆ ଛାଡ଼ି ଦୌଛେ ତାର୍ ବୁକ୍,

ମାହେଜୀ ଟୁକେଲ୍ ପାଣ୍ଡ୍ରି ନୌଛନ୍ଁ କରବାର୍ ଲାଗି କୁକ୍ |

ଧଏନ୍ ଧଏନ୍ ଇ ଫେସ୍-ବୁକ୍, ଧଏନ୍ ଧଏନ୍ ରେ ଫେସ୍-ବୁକ୍ |

# ବାପା



ରଞ୍ଜନ କୁମାର ପାଣିଗ୍ରାହୀ

ବଂଶଧର ରୂପେ ଆସିଥିଲି ମୁଁ ଯେ
ପାଜିଟେ ପରି ମିଛେ କାନ୍ଦୁଥିଲି,
ବାଳୁତ ବୟସେ ହାତ ଧରି ମୋର
ପାଦରେ ଶିଖାଇ ଥିଲ ଯେ ଚାଲି ।

ବିତ୍ତ ଦାରିଦ୍ର୍ୟକୁ ଖାତିର ନ କରି
ପୂରଣ କରିଛ ସମସ୍ତ ଦାବୀ,
ବଦଳରେ ଖାଲି ଚାହିଁଛ କିପରି
ପଢ଼ାରେ ସାଜିବି ମୁଁ ଯେ ମେଧାବୀ ।

ବାର୍ତ୍ତାଭରା କେତେ କଥା ଓ କାହାଣୀ
ପ୍ରତ୍ୟହ ଶୁଣିଛି ତୁମରି ଠାରୁ,
ବାଟ ଚାଲିଥିଲି ସେ କଥାକୁ ମାନି
ପୂର୍ଣ୍ଣ ଆଜି ମୋର ଜୀବନ ତରୁ ।

ବଡ଼ ତମ ମନ, ଉଚ୍ଚ ତମ ଆଶା
ପୁଣ୍ୟମୟ ଦେଖ କେତେ ସପନ,
ବର୍ଷ ବର୍ଷ ସ୍ୱପ୍ନ ସତ ଯେ ହୋଇବ
ପୁରି ଉଠିବ ତୁମରି ଜୀବନ ।

ବାପା ହିସାବରେ ତୁମକୁ ପାଇଛି
ପ୍ରତିଟି କ୍ଷେତ୍ରେ ଗର୍ବିତ ମୁଁ ଆଜି,
ବିରଞ୍ଚି ଆଶିଷେ ସୁଝିବି ଋଣ ମୁଁ
ପର ଜନ୍ମେ ବାପା ତୁମର ସାଜି ।



# ଯାଜ୍ଞସେନୀ

ଦୀପସା ରଥ

ଆଜି ବି ସେ ଇନ୍ଦ୍ରପ୍ରସ୍ଥ ମୋର ଅପେକ୍ଷାରେ
ଯାଦୁକାରୀ ଭୋଜବିଦ୍ୟା ନିୟତ ଐଶ୍ବର୍ଯ୍ୟ

ପ୍ରସ୍ଥ ପ୍ରସ୍ଥ ସୁଖ ଆଉ ବିଳାସ ବ୍ୟସନ
ଅପରୂପ ଭାଗ୍ୟ ପୁଣି ହସ୍ତିନା ସାମ୍ରାଜ୍ୟ

ସାମ୍ରାଜ୍ଞୀ ମୁଁ ! ତର୍ଜନିରେ ପୃଥ୍ବୀକୁ ନଚାଏ
ସାମାନ୍ୟ ଇଙ୍ଗିତ ମାତ୍ରେ କୋଟି ମଥା ନୁଏଁ

ଅଖଣ୍ଡ ସୌଭାଗ୍ୟ ମୋର ଅମ୍ଳାନ ସୌନ୍ଦର୍ଯ୍ୟ
ଉର୍ବର ଜରାୟୁ ଆଉ ଅକ୍ଷତ କୌମାର୍ଯ୍ୟ

ସୋହାଗିନୀ ବୋଲାଏ ମୁଁ ପଞ୍ଚ ପାଣ୍ଡବଙ୍କ
ଶୌର୍ଯ୍ୟେ ବୀର୍ଯ୍ୟେ ପରାକ୍ରମେ ଦୁର୍ଜ୍ଜୟ ପ୍ରତ୍ୟେକ

ତଥାପି ବି କିଛି ଗୋଟେ ରିକ୍ତ ରିକ୍ତ ଲାଗେ
ଭିତର ନାରୀଟା କାନ୍ଦେ ଅକୁହା ଆବେଗେ

ଦୁଇ ହାତ ଶୂନ୍ୟ ମୋର ସବୁକିଛି ଥାଇ
ଆତ୍ମା ମୋର ବଣ୍ଟା ଅଛି ପାଞ୍ଚଭାଗ ହୋଇ

ଦୁଃଖ ମୋର ପାଞ୍ଚଭାଗ ସୁଖ ପାଞ୍ଚ ଭାଗ

ପାଞ୍ଚଭାଗେ ବଣ୍ଟା ଦେହ ସେନେହ ସୋହାଗ

ପାଞ୍ଚଭାଗେ କ୍ଷୁଧା ଆଉ ପାଞ୍ଚଭାଗେ ତୃଷ୍ଣା
ପାଞ୍ଚଭାଗେ ବିବର୍ଣ୍ଣିତ ଇନ୍ଦ୍ରିୟ ବାସନା

ଅପୂର୍ଣ୍ଣା ମୁଁ ବିଭାଜିତ ଅନେକ ଖଣ୍ଡରେ
ଅପୂଜା ମୁଁ ନଷ୍ଟଅର୍ଘ୍ୟ ଜଳେ ବୈଶ୍ବାନରେ

ମୁଁ ଯାଜ୍ଞସେନୀ ! ମୋର ଆରମ୍ଭ ଅଗ୍ନିରୁ
ଉଦ୍‌ବ୍ୟକ୍ତ ମୋ ଅଭିମାନ ପରାଣ ଗଭୀରୁ

ତେବେ ମଧ୍ୟ ଅଛି କିଛି ଯାହା ଖାଲି ମୋର
ସନ୍ତର୍ପଣେ ସାଇତିଛି ହୃଦୟ କନ୍ଦର

ଅଖଣ୍ଡ ପ୍ରଦୀପ ଜଳେ ଅହର୍ନିଶୀ ପ୍ରତି
ସୂତ ପୁତ୍ର କର୍ଣ୍ଣ ପରା ପୂଜା ପାଏ ସେଠି !!!



# ପୃଥିବୀର କାନ୍ଦଣା

ମୃଗେଶ ବୈଷ୍ଣବ ପାଣିଗ୍ରାହୀ

ହସୁଥିଲୁ ଦିନେ ତୁ
ଦେଖିଥିଲି ତୋ ହସ ହସ
ଚେହେରା, ଅସ୍ତାଅସ୍ତି ବନସ୍ତର
ଗହଳ ଚହଳ ବଣ ଅରଣ୍ୟରେ
ଇନ୍ଦ୍ରନୀଳ ଆକାଶର
ପ୍ରଜ୍ବଳିତ ଜହ୍ନ ଆଉ ସୂର୍ଯ୍ୟର ଦେହରେ ।
ପ୍ରଫୁଲ୍ଲିତ ସାଗରର ବକ୍ଷ ଦେଶରେ
ଜୁଆରଙ୍କ ଭିଡ଼ ଭିତରେ ପୁଣି
ସାଗର ତଳ ଅଜସ୍ର ଶାମୁକାଙ୍କ
ଗହଳ ଭିତରେ ▫
ଦେଖିଥିଲି ତୋ ହସହସ
ଚେହେରା, ବସନ୍ତର କ୍ଷୁଧିତ ମଳୟରେ
ପୁଣି ବଉଳର ମହମହ ସୁବାସର ଦେହରେ ।
କୋଇଲିର କୁହୁତାନେ ମାଗିଥିଲି
ତୋ'ହସର ସୁଦୀର୍ଘ ପଥ ପୁଣି
ଯମୁନା କୂଳେ ବୈଶାଖ ଅପରାହ୍ନେ
ବଂଶୀର ମଧୁର ଗୁଞ୍ଜନେ ମାଗିଥିଲି
ତୋ' ହସୁଥିବା ନାଲିଆ ଓଠର କମ୍ପନ▫

ଖୋଜେ ଆଜି ତୋ'ର ସେଇ
ହସ ହସ ଅଧର କମ୍ପିତ ମୁହଁ

ଜହ୍ନ ଆଉ ସୂର୍ଯ୍ୟର ଦେହରେ

ପୁଣି କୋଇଲିର ମଧୁର ଗୁଞ୍ଜନେ |

ପାଉନାହିଁ ସେ ଚେହେରା

ସବୁ ଲାଗେ ଏକା ଏକା

ସବୁ କିଛି ନିଛାଟିଆ ଆଉ

ନିଃଶବ୍ଦଙ୍କ ଗହଣର ଇଲାକା |

ଆଜି କାଇଁ ତୋ ମନେ

ଦୁଃଖର ସାମ୍ରାଜ୍ୟ

ଲୁହର ବନ୍ୟାରେ ତୁ ଧୌତ

ତୋ'ପାଖେ ଆଜି ବି ପରା

ସ୍ବର୍ଣ୍ଣ ପାରିଜାତ, ମେନକା ଉର୍ବସୀଙ୍କ

ମନଲୋଭା ବେଶ |

ଏଠି ପୁଣି ଜହ୍ନ ଆଉ ସୂର୍ଯ୍ୟର

ଆତଜାତ

ଶ୍ରାବଣର କଳା ବଉଦର ଆଲେଖ୍ୟ

ବସନ୍ତରେ ପୁଣି ମଳୟ ଆଉ

ବଉଳର ମହ ମହ ବାସ



# ଇଚ୍ଛା

ଶ୍ବେତା ଆଚାର୍ଯ୍ୟ

ଇଚ୍ଛା ଗୁଡ଼ା ଏଠି ଖଣ୍ଡିଆ ଖାବରା
କେତେବେଳେ ବିକଳାଙ୍ଗ ତ କେତେବେଳେ କର୍ଦ୍ଦମାକ୍ତ
ତଥାପି;

ମନ ପୁରେନି ଏମାନଙ୍କର,
ରକ୍ତ ଜୁଡୁ ବୁଡୁ ହୋଇ ବି,
ନିତି ବସନ୍ତି ଗାଁ ସେପାରି ପାହାଡ଼ ଚୂଡ଼ାରେ !!
କେତେବେଳେ ସୂର୍ଯ୍ୟୋଦୟର ରକ୍ତିମ ଆଭାରେ,
ତ କେତେବେଳେ ସୂର୍ଯ୍ୟାସ୍ତର ଲାଲିମାରେ,
ଆଉ ପୁଣି କେତେବେଳେ ଧୁ ଧୁ ମୁଣ୍ଡ ଫଟା ଖରାରେ ତ,
ପୁଣି କେବେ ଜାଡୁଆ ହାଡ଼ଭଙ୍ଗା ଶୀତରେ;
ତଥାପି ଅପେକ୍ଷା !!

ସେ ଅପେକ୍ଷାରେ କେତେ ଯେ ଭୋକଥାଏ
ପେଟ କିନ୍ତୁ କେବେ ପୁରେନି,
କି ଇଚ୍ଛା ଇୟେ ଯେ ???
ନା ଦେହରେ ଖଣ୍ଡେ କପଡ଼ା ଥାଏ
ନା ମନରେ ସତେଜତା,
ତଥାପି ଏଗୁଡ଼ା ମରନ୍ତିନି...

ସତେ ଯେମିତି ନିଆଁ ହୁଳା ଗିଳି ପଣ କରିଛନ୍ତି

ଜିଇଁ ଥିବା ଯାଏ ଜୋକ ପରି ଦେହରୁ,

ଯାବତ୍ ରକ୍ତ ଶୋଷି ଯିବାର ପଣ |

ଦେହ ତ ପୁଣି ମରୁଛି,

ଇଚ୍ଛା ଗୁଡ଼ା ଭଲା ମରନ୍ତେ !!

ସବୁ ଆରମ୍ଭ ଆଉ ସବୁ ଶେଷର ମଝି ଦରିଆରେ ବସି

ଜୁଳୁ ଜୁଳୁ କରି ଅନେଇଥାନ୍ତି,

ଏଗୁଡ଼ାଙ୍କ ବାପା ମା' ଠିକ୍ ଠିକଣା କ'ଣ ?

ତଥାପି, କେଉଁଠୁ ହେଉ ବି !!

ଅଇଁଠା ବନଭୋଜି ପତ୍ରରୁ ନେଇ

ମନ୍ଦିର ବେଢ଼ାର ଅଇଁଠା ପତ୍ର

ସବୁଠି ଇଚ୍ଛା ଗୁଡ଼ା ଉଙ୍କି ମାରନ୍ତି

ସିଏ ବିଡ଼ିରୁ ଆରମ୍ଭ କରି ବ୍ରାଉନ୍ ସୁଗାର ଯାଏଁ

ଖେଦି ହେଇ ରହନ୍ତି,

ଶଃ...

ଇଚ୍ଛା ଗୁଡ଼ା ମରୁନାହାନ୍ତି ହୋ...

ସାଲୁବାଲୁ ହେଉଛନ୍ତି ସଂବାଳୁଆ ପରି

ଯେଉଁଠି ଚାହିଁଲେ ବି ହାତ ଗୋଡ଼ ପ୍ରସାରିତ

ଭଙ୍ଗା ଆଉ ଚୁନା ଚୁନା କାଚ ଖଣ୍ଡ ପରି !!

ବିନା ଅବୟବ, ବିନା ଅଳଙ୍କାର ଆଉ ବିନା ଆଭୂଷଣରେ !!

ଇଚ୍ଛା ଗୁଡ଼ା ଏଠି ସେଠି ସବୁଠି....



# କରେଣ୍ଟ ରାଜନୀତି

ସ୍ୱରୁପ କୁମାର ମଲ୍ଲ

ରାଜନୀତି ଭାରି କିଟି ମିଟିଆ !ଏ ମା, କୋଉଠୁ ଆରମ୍ଭ କରିବି, କୋଉଠୁ ଶେଷ କରିବି, କିଛି ଜାଣି ପାରୁନି । ଆଜିକାଲି ସମୁଦ୍ରରେ ବି ପାଣି ବି ଗୋଳିଆ ହେଇଗଲାଣି ।ଶଙ୍ଖ ଭିତରୁ ଫାଟି ଆଁ କଲାଣି ।ଆପଣ ସହିଦନଗର କାଣ୍ଡ କଥା ତ ଜାଣିଥିବେ, କୁଆଡେ ଶୁଣିଲି ଆମ ମୁରୁଖମନ୍ତ୍ରୀ କୁଆଡେ ମନ୍ତ୍ରୀମଣ୍ଡଳ ଅଦଳ ବଦଳ କରି ପାଟ୍ୟ ପକେଇଲେଣି । ଦେଖାଯାଉ ନୂଆ ମନ୍ତ୍ରୀମାନେ କଣ କରୁଛନ୍ତି? ମୁଁ ଦେଖିବି ବା କୋଉ ପାଣି କୁଆଡେ ଯାଉଛି? ମଲି ଧଅପ! ମୋର କଣ ଅଛି, ନା ପିଲା, ନା ସ୍ତ୍ରୀ, ନା ଘର ସଂସାର । ମୁଁ ତ ୧୦୦% ଜାଣିଛି, ହାତ ହଉ କି ଶଙ୍ଖ କି ପଦ୍ମ ଯିଏ ବି ଶାସନ ଗାଦିକୁ ଆସିବ, ସିଏ ପୁରା ଦେଶଟାକୁ ଖୋଳ କରିବ । ମହାପାତ୍ର ସାଅନ୍ତେ କହୁଥିଲେ, ଦଳର ମୁଖିଆ କୁଆଡେ ତାଙ୍କର ଆନୁଗତ ।

ନ୍ୟୁଜରେ ଦେଖଉଥିଲା କି କଟକ - ଜଗତପୁର ରାସ୍ତା ନିକଟରେ କୁଆଡେ ୬୦୦ କିଲୋ ଚାଉଳ ମାଟିରେ ପୋତିଦେଇଥିଲେ? ଏ ମା, ଏଠି ଲୋକେ ଦିନକୁ ଗଣ୍ଡାଏ ଖାଇବାକୁ ପାଏନି, ପୁଣି ଏଠି ବିଷାକ୍ତ ଖାଦ୍ୟ କହି ସରକାରୀ ବାବୁମାନେ ପୋତି ଦେଇଥିଲେ । ଘୁମେଇ ପାରା ମତେ କହୁଥିଲା ଯେ ସେ ଚାଉଳଗୁଡାକ କେସିଙ୍ଗାରୁ କଟକ ଆସିବା ପାଇଁ ରେଳକୁ ୨୦ ମାସେ ଲାଗିଥିଲା । ହେଇଟି,ମେତେ ଯାହା ନାଗୁଛି ବୋଧେ କଇଁଛ ଟ୍ରେନକୁ ଟାଣିକି ଆଣୁଥିଲା ।ସେତେବେଳକାର ସଚୀବଙ୍କୁ ପଚାରିବାରୁ ସେ କହିଥିଲେ, 'ଏଫେ.ସି.ଆଇ' ଆଉ 'ରେଳ ବିଭାଗ' ଭିତରେ ସମନ୍ବୟର ଅଭାବ ଅଛି ' ।ଯାହା ବି ହେଇଛି,ହେଲେ ଗରିବଙ୍କ ପେଟରେ କାହିଁକି ନାତ ମାରୁଛ ?

କେନ୍ଦ୍ର କଥା ତ ନ କହିବା ଭଲ! ଓଡିଶାର ରେଳ ବିକାଶ ନାଗି ମାଗିଲାରୁ କୋଉ ଗୋଟେ ରେଳ ଟେସନ ମରାମତି ନାଗି ଦଉଛି ମାତ୍ର ହଜାରେ ଟଙ୍କା, ବୁଝିଲନା, ମାନେ ଦଉଛି ଦି ବସ୍ତା ସିମେଣ୍ଟ ! ହଇରେ ବିଧାତା, ଏଇଥିରେ କଣ ଅଣ୍ଡା ଉଷୁମୁ ହବ?ଏବେ ତ "କେନ୍ଦ୍ରରେ" ରେ ରଜ, ଜାଣିନାହାନ୍ତି କି ??? ଦେଶର ପ୍ରଥମ ନାଗରିକ ପରା ତାଙ୍କର, ହମମ୍ ଉପରାଷ୍ଟ୍ରପତି ବି ତାଙ୍କର । ମୋତେ କାହିଁ ଲାଗୁନି ମୁଁ ଏଇ ଜନମରେ "ଜନଲୋକପାଲ୍ ବିଲ୍" ଅନୁମୋଦନ ହେବାର ଦେଖିପାରିବି? ଆନ୍ନାଜୀ ଆପଣଙ୍କୁ ମୋର ଅନୁରୋଧ, 'ଏଇ, ଖଣ୍ଡ ସରକାର କେବେ ବି ଆପଣଙ୍କ ଆଶାକୁ ପୂରଣ କରିବାକୁ ବହୁତ୍ ସମୟ ଲଗେଇ ଦେବ, ଆପଣ ଅନଶନ କରି କାହିଁକି ନିଜ ଦେହ ଖରାପ କରୁଛନ୍ତି?'

ହେଇଟି, ମୋ ଉପରେ ରାଗୁଛନ୍ତି କି, ଏମିତି ସତ କଥା ନ କହିକି ପେଟରେ ରଖିଲେ ଭଗବାନ ମୋତେ ନିହାତି ଖରାପ ଭାବିବେ! ରାମଦେବ ବାବାଙ୍କୁ ଗୋଟେ କଥା କହିବାରଥିଲା, 'ଦେଖନ୍ତୁ,ଆପଣ ତ ଯୋଗ ଶିଖଉଥିଲେ, ଜଡିବୁଟି ଦଉଥିଲେ ରୋଗ ଭଲ ହେବା ପାଇଁ । ଏବେ କଣ ହେଲା ଯେ ଆପଣ ବି ବହୁତ ଆଜିକାଲି ବହୁତ ଉପାସବ୍ରତ ରଖୁଛନ୍ତି, ନାରିବେଶରେ ମାମୁଁଙ୍କ ହାତରେ ଧରା ପଡିଲେ! ଏଇସବୁ କଥା ଶୁଣିଲା ବେଳକୁ ମୋ ଛାତି ଫାଟି ଯାଉଛି' ।ମା! ଦେଖମ, ମୋ କଥା ଟିକେ ଶୁଣନ୍ତୁ ଆଉ ସେସବୁ ଛାଡି ଦିଅନ୍ତୁ କାରଣ ଯେଉ ନୋକ ଗୁଡାକ ସେ ସେଇସ୍ ବେଙ୍କରେ ଟଙ୍କା ରଖିଛନ୍ତି ସେଇମାନେ ତ ବଡ ବଡ ପୋଜିସନରେ ଅଛନ୍ତି!

# ପିଲାଦିନର କାହାଣୀ (ଫେସ୍‌ବୁକ୍‌ରୁ ଉଦ୍ଧୃତ)



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଖରାଦିନରେ ପିମ୍ପୁଡ଼ି ଦିନରାତି ପରିଶ୍ରମ କରି ଖାଦ୍ୟ ସଂଗ୍ରହ କରୁଥାଏ ଏବଂ ଏହାକୁ ଦେଖି ଝିଣ୍ଟିକା ମନେ ମନେ ଚିନ୍ତା କରୁଥାଏ, ପିମ୍ପୁଡ଼ି ଗୁଡ଼ିକ ସତରେ କେଡ଼େ ମୁର୍ଖ | ଏଇ ଖରାଦିନ ବି ସେମାନେ ଆରାମ ନ କରି ଝାଳନାଳ ହୋଇ କାମ କରୁଛନ୍ତି? ଖରାଦିନ ଗଲା ବର୍ଷା ଦିନ ଆସିଲା | ଚାରିଆଡ଼େ ପାଣି ଜମା ହେଇଗଲା ପରେ ଝିଣ୍ଟିକାକୁ ଖାଇବାକୁ କିଛି ମିଳିଲା ନାହିଁ, ଅଥଚ ଖରାଦିନସାରା କାମ କରିଥିବା ପିମ୍ପୁଡ଼ି ନିଜ ଘରେ ଉଷୁମ ରହିବା ସହିତ ଖାଇବାକୁ ବି ପାଉଥିଲା | ଶେଷରେ ଝିଣ୍ଟିକା ଖାଇବାକୁ ନ ପାଇ ପ୍ରାଣ ହାରିଲା |

ଚଳିତ ସମୟରେ ଏହି କାହାଣୀରେ ଅନେକ ପରିବର୍ତ୍ତନ ଆସିଛି | ଆଜିର ଦିନରେ ଏହି କାହାଣୀ :

ଖରାଦିନରେ ପିମ୍ପୁଡ଼ି ଝାଳନାଳ ବୁହାଇ ପରିଶ୍ରମ କରି ନିଜ ପାଇଁ ରହିବା ସ୍ଥାନ ଓ ଖାଇବାର ବନ୍ଦୋବସ୍ତ କରିବାରେ ଲାଗିଛି | ଆଗାମୀ ବର୍ଷା ଦିନକୁ ଚାହିଁ ଏଇ ବ୍ୟବସ୍ଥା ସେ କରୁଥିବା ସମୟରେ ତା'କୁ ଦେଖି ଝିଣ୍ଟିକା ହସୁଛି ଆଉ ବ୍ୟଙ୍ଗ କରୁଛି | ବର୍ଷା ଦିନ ଆସିଲା ବେଳକୁ ପିମ୍ପୁଡ଼ି ନିଜ ଘରେ ଶାନ୍ତିରେ ବସିଥିବା ସମୟରେ ଝିଣ୍ଟିକା ସାମ୍ବାଦିକ ମାନଙ୍କୁ ଡାକି ପ୍ରେସ୍ କନ୍‌ଫେରେନସ୍ କରୁଛି ଆଉ କହୁଛି ଯେ ପିମ୍ପୁଡ଼ି ମାନେ ଉଷୁମ ରହିବେ କାହିଁକି ଯେତେବେଳେ ସେ ଭୋକରେ ମରୁଛି | ଏହାପରେ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ୍ ଆସି ଝିଣ୍ଟିକାର ଦୁରାବସ୍ଥା ଓ ପିମ୍ପୁଡ଼ିର ଅବସ୍ଥାକୁ ଫୋଟୋରେ ଦେଖାଇବେ | ସାରା ବିଶ୍ବ ଏହି ଛବି ଦେଖି ଏତେ ତାରତମ୍ୟରେ ଆଶ୍ଚର୍ଯ୍ୟ ହୋଇଯିବେ | ବିଚାରା ଝିଣ୍ଟିକାର ଏତାଦୃଶ ଅବସ୍ଥା ପାଇଁ ସମସ୍ତେ ଆହା ଚୁ ଚୁ କରିବେ | ସମାଜସେବୀ ଅରୁନ୍ଧତୀ ରାୟ ପିମ୍ପୁଡ଼ିର ଘର ଆଗରେ ଧାରଣା ଦେବେ | ମେଧା ପାଟକର ଝିଣ୍ଟିକା ମାନଙ୍କ ନେତୃତ୍ବ ନେଇ ଅନଶନ କରିବେ ଏବଂ ଦାବୀ କରିବେ ଯେ ସେମାନଙ୍କୁ ଉଷୁମ ବାସସ୍ଥାନ ଓ ଖାଇବାକୁ ଯୋଗାଇ ଦିଆଯାଉ | ମାୟାବତୀ ଦାବୀ କରିବେ ଯେ ଏହା ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅନ୍ୟାୟ | ଆମ୍‌ନେଷ୍ଟି ଇଣ୍ଟରନ୍ୟାସନାଲ୍ ଭାରତ ସରକାରଙ୍କୁ ଭର୍ତ୍ସନା କରି କହିବେ ଯେ ଝିଣ୍ଟିକାର ନ୍ୟୁନତମ ଅଧିକାରର ସୁରକ୍ଷା କରାଯାଇ ପାରିଲା ନାହିଁ | ଇଣ୍ଟରନେଟରେ ଝିଣ୍ଟିକାର ଫୋଟୋ ସବୁ ଭାସି ଉଠିବ ଏବଂ ଲୋକମାନେ ଝିଣ୍ଟିକାର ସୁରକ୍ଷା ପାଇଁ ପିଟିସନ କରିବେ | ବିରୋଧୀ ଦଳ ପାର୍ଲିଆମେଣ୍ଟରୁ ବାହାରକୁ ଚାଲିଯିବେ | ବାମପନ୍ଥୀମାନେ ଏହାର ବିରୋଧରେ 'ବଙ୍ଗାଳ ବନ୍ଦ'ର ଆହ୍ବାନ ଦେବେ | କେରଳ ସରକାର ଏକ ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କରିବା

ପାଇଁ ନିର୍ଦ୍ଦେଶ ଦେବେ | ଲାଲୁ ପ୍ରସାଦ ଯାଦବ ଝିଣ୍ଟିକା ମାନଙ୍କ ପାଇଁ ରେଳଯାତ୍ରା ସମୟରେ ଅଧିକ ସଂରକ୍ଷଣ ରଖିବାର ଦାବୀ କରିବେ | ଏବଂ ଏଥିପାଇଁ ଏକ ବିଶେଷ ଝିଣ୍ଟିକା ରଥର ପ୍ରଚଳନ କରିବା ପାଇଁ ଘୋଷଣା କରିବେ | ଶେଷରେ ସରକାର ଏକ ପ୍ରିଭେନ୍ସନ୍ ଅଫ୍ ଟେରୋରିଜମ୍ ଏଗେଇନ୍‌ଷ୍ଟ ଝିଣ୍ଟିକା ଆକ୍ଟର ପ୍ରଚଳନ କରିବେ | ଅର୍ଜୁନ ସିଂହ ଶିକ୍ଷାନୁଷ୍ଠାନ ମାନଙ୍କରେ ଝିଣ୍ଟିକା ମାନଙ୍କ ପାଇଁ ବିଶେଷ ସଂରକ୍ଷଣର ବ୍ୟବସ୍ଥା କରିବେ | ଝିଣ୍ଟିକା ମାନଙ୍କୁ ସର୍ବନିମ୍ନ ଅଧିକାରରୁ ବଞ୍ଚିତ କରିଥିବା କଥା କହି ସରକାର ପିମ୍ପୁଡ଼ି ମାନଙ୍କ ଉପରେ ବିଶେଷ କର ବା ଟ୍ୟାକ୍ସ ଲଗାଇବେ | ଟ୍ୟାକ୍ସ ଦେବାପାଇଁ ପିମ୍ପୁଡ଼ି ସକ୍ଷମ ହେବ ନାହିଁ ଏବଂ ସରକାର ତା'ର ଘର ଓ ସମ୍ପତି ବ୍ୟାଜ୍ୟାପ୍ତ କରିବେ | ଅରୁନ୍ଧତୀ ରାୟ କହିବେ ଏହା ନ୍ୟାୟ ହୋଇଛି | ମେଧା ପାଟକର କହିବେ ଏହା ନ୍ୟାୟର ବିଜୟ, ଲାଲୁ ପ୍ରସାଦ ଯାଦବ କହିବେ ଏହା ସାମାଜିକ ନ୍ୟାୟ ହୋଇଛି | ବାମପନ୍ଥୀମାନେ କହିବେ ଦଳିତ ମାନଙ୍କୁ ନ୍ୟାୟ ମିଳିଛି | ସରକାର ସେହି ଝିଣ୍ଟିକା ମାନଙ୍କୁ ସମ୍ମାନିତ କରିବେ ସେମାନେ ନ୍ୟାୟ ପାଇଁ ଲଢ଼େଇ କରିଥିବା ହେତୁ, ସେମାନଙ୍କୁ ଡକାଇ ବିଶ୍ବ ଜାତିସଂଘରେ ବିଶେଷ ବକ୍ତବ୍ୟ ରଖିବାର ସୁଯୋଗ ଦିଆଯିବ | ଅନେକ ବର୍ଷ ପରେ, ପିମ୍ପୁଡ଼ି ଏବେ ଆମେରିକାରେ ବସବାସ କରୁଛି ଏକ ବହୁରାଷ୍ଟ୍ରୀୟ କମ୍ପାନୀ ନିଜେ ତିଆରି କରିଛି, ଆଉ ଦେଶରେ ଏବେ ବି ଅଗଣିତ ଝିଣ୍ଟିକା ଭୋକଶୋଷରେ ମରୁଛନ୍ତି, ଯଦିଓ ସଂରକ୍ଷଣ ରହିଛି, ହେଲେ ସେମାନଙ୍କୁ ଭାଗ ଦେବାପାଇଁ ଆଉ ପିମ୍ପୁଡ଼ି ନାହାନ୍ତି |

ଆଉ ପରିଶ୍ରମୀ ପିମ୍ପୁଡ଼ି ମାନଙ୍କ ଅଭାବ ତଥା ଝିଣ୍ଟିକା ମାନଙ୍କୁ ମାଗଣାରେ ଖାଇବାକୁ ଦେଇ ଦେଇ ସରକାର ଦରିଦ୍ର ଏବଂ ଭାରତ ଏବେ ବି ଗୋଟିଏ ଦରିଦ୍ର ରାଷ୍ଟ୍ର ହୋଇ ରହିଛି |

# ସ୍ବପ୍ନର ପ୍ରିୟତମା



ସୁଧୀର ନାୟକ

ସ୍ବପ୍ନରେ ଯେବେ ଆସ ତୁମେ ନିରବ ରାତିରେ

ଭୁଲିଯାଏ ପ୍ରିୟା ମୁଁ ନିଜକୁ ତୁମରି ପାଖରେ

ତୁମେ ଆସିଲେ ମୋ ସ୍ବପ୍ନର ଦୁଆର ଆପେ ଖୋଲିଯାଏ

ତୁମ କଥା ଭାବି ଭାବି ସ୍ବପ୍ନରେ ରାତି ପାହିଯାଏ

କିନ୍ତୁ ଯେବେ ତୁମେ ଚାଲିଯାଅ ମୋ ସ୍ବପ୍ନର ଦୁନିଆରୁ

ଲାଗେ ମୋତେ ହୃଦୟଟା ଚାଲିଗଲା ମୋ ଶରୀରରୁ

ଯଦି ଯିବାର ଥିଲା କାହିଁକି ଆସିଲ ତୁମେ ମୋ ସ୍ବପ୍ନରେ

ତୁମେ ଗଲାପରେ ନିତି ମୁଁ ଝୁରୁଛି ଏଠି ତୁମରି ସ୍ମୃତିରେ

ଏଥର କଥା ଦିଅ ପ୍ରିୟା ତୁମେ ଆସିଲେ ଛାଡ଼ି ଯିବନାହିଁ ମୋତେ

ସ୍ବପ୍ନର ତାଜମହଲରେ ମୁଁ ରଖିବି ତୁମକୁ ମୋ ସାଥେ



# ହରର ସୋ

ବନ୍ଦନା ପଣ୍ଡା

ସେ ଦିନ ଥିଲା ଶୁନଶାନ ରାତି, ଚାରିଆଡ ଅନ୍ଧାର । ସେହି ଅନ୍ଧାରକୁ ଅତିକ୍ରମ କରି ଧାଇଁ ଆସୁଥିଲା କିଛି ଗୋଟାଏ । ମୁଁ ସେତେବେଳେ ମୋ ଘରର ବାତାୟନ ପାଖରେ ବସି ଖବରକାଗଜ ପଢୁଥାଏ । ଶୀତଳ ସମୀର ଥରକୁ ଥର ମତେ ଆହ୍ୱାନ କରୁଥାଏ । କିନ୍ତୁ ସେହି ରାତ୍ରିର ଅନ୍ଧକାରର ଭୟ ମତେ ବାହାରକୁ ଯିବା ପାଇଁ ବାଧା ଦେଉଥାଏ । ତଥାପି ଜାଣିବାର ଇଚ୍ଛା ସେଇଟା କ'ଣ, ସେଇଟା କିଏ ? କାହିଁକି ଏପରି ଧାଉଛି? ଏପରି ଗୁଡାଏ ପ୍ରଶ୍ନ ମୋ ମନକୁ ବିଚଳିତ କରୁଥାଏ । ମନର ଅନିଚ୍ଛା ସତ୍ତ୍ୱେ ମୁଁ ବାହାରକୁ ବାହାରି ଗଲି । ଦେଖିଲା ବେଳକୁ ........................ ।

ସେ ଥିଲା ଏକ ମର୍ମସ୍ପର୍ଶୀ ଦୃଶ୍ୟ । ସେହି ପିଲାଟି କିଏ ଜାଣିଛନ୍ତି ? ସେ ଥିଲା ବାର ବର୍ଷର ବାଳକ ଗୋବିନ୍ଦ । ଯିଏ କି ଆମରି ଘରେ ସାତ ବର୍ଷରୁ କାମ କରି ଆସିଛି । ଯିଏ ଆମ ଘରର, ଆମ ପରିବାରର ଏକ ସଦସ୍ୟ ଠାରୁ କମ ନୁହେଁ । ସେ ଆଜି ଏପରି ଅବସ୍ଥାରେ ! ତା'ର ଏ ଅବସ୍ଥା ମୋ ଦୃଷ୍ଟି ସପକ୍ଷରେ ନ ଥିଲା ।ତା' ର ସେ ଭୟଭୀତ ଚେହେରା, ଛିଣ୍ଡା ଲୁଗା , ଖଣ୍ଡିଆ ଖାବରା ଶରୀର ମୋତେ କିଛି କ୍ଷଣ ପାଇଁ ନିର୍ବାକ କରିଦେଇଥିଲା । ଆଶ୍ଚର୍ଯ୍ୟ ହେଲି, କିଏ କଲା ତା' ର ଏ ଅବସ୍ଥା ? କିଏ ଏଥିପାଇଁ ଦାୟୀ ? ମୋ ପରିବାର ନା ଏ କ୍ରୁର ସମାଜ । ତଥାପି ନିଜକୁ ସମ୍ଭାଳି ନେଇ ମୋ ଦାଣ୍ଡ ଦୁଆର ଆଗରୁ ତାକୁ ଘରକୁ ଆଣିଲି । କାରଣ, ସେ ମୋରି ପାଖକୁ ଆସିଥିଲା । ତା' ପରେ ଆରମ୍ଭ ହେଲା ମୋର ପ୍ରଶ୍ନର ପାହାଡ ।ଯାହାକୁ ଅତିକ୍ରମ କରି ଉତ୍ତର ଦେବାର ଦମ୍ଭ କାହିଁ ତା' ପାଖରେ ଥିବାର ମୁଁ ସେତେବେଳେ ଲକ୍ଷ୍ୟ କରି ନ ଥିଲି । ତେଣୁ ମୁଁ ଚାଲିଗଲି ଅତୀତର ସେହି ଆନନ୍ଦପୂର୍ଣ୍ଣଇତିହାସ ମଧ୍ୟକୁ ଯେଉଁଠି ଥିଲା ଗୋବିନ୍ଦର ଏକ ସୁଖ ଜୀବନ । ନିହାତି ଏକ ଗରିବ ଘରର ଏକମାତ୍ର ସାହାଭରସା ଥିଲା ଗୋବିନ୍ଦ । ତା' ଗାଁ ନାଁ ଥିଲା କେନ୍ଦୁପୁର ।ଏହା ବୀଣାପାଣୀ ସହରର ଏକ ମଫସଲ ଗ୍ରାମ । ଯେଉଁଠାରେ କୌଣସି ସୁବିଧା କେବେ ନ ଥିଲା କି କେବେ ଦେଖିବାକୁ ମଧ ମିଳିନି । ସେହି ଗ୍ରାମରେ ଗୋବିନ୍ଦର ଜନ୍ମ । ତା' ବାପାଙ୍କ ନାମ ଥିଲା ହରିଆ ଏବଂ ମା'

ଙ୍କ ନାଁ ଥିଲା ବୃନ୍ଦା । ହରିଆ, ଯିଏ ମହାଜନର ଋଣ ଭାରରୁ କେବେ ମୁକ୍ତ ହୋଇ ପାରିନି । ତେଣୁ ଗୋବିନ୍ଦର ଭବିଷ୍ୟତ ଗଢିବାକୁ ନେଇ ସେ କେବେ ଚିନ୍ତା ମଧ୍ୟ କରିନାହାନ୍ତି । ମୋ ବାପା ସେ ଗାଁ ମହାଜନଙ୍କ ଜଣେ ଅନ୍ତରଙ୍ଗ ବନ୍ଧୁ । ମାଛ ଯେପରି ପାଣି ବିନା ବଞ୍ଚିପାରେ ନାହି, ସେହିପରି ମହାଜନ ମଉସା ଓ ମୋ ବାପାଙ୍କ ବନ୍ଧୁତା ଉଭୟଙ୍କ ବିନା ଅସମ୍ପୂର୍ଣ୍ଣ । ବାପା ଅଧିକାଂଶ ଛୁଟି ଦିନ ମାନଙ୍କରେ କେନ୍ଦୁପୁର ଯାଇ ମଉସାଙ୍କ ସହ ଦେଖା କରି ଆସନ୍ତି । ସେ ଥର ମୁଁ ମଧ୍ୟ ଜିଦ କରି ବାପାଙ୍କ ସହିତ ମହାଜନ ମଉସାଙ୍କ ଘରକୁ ଯାଇଥାଏ । ତାଙ୍କ ଝିଅ ରିନା ସହ ମୋର ଖୁବ ଦୋସ୍ତି । ଦିନେ ତା' ସହ ଗାଁ ବୁଲିବାକୁ ବାହାରିଲି ଏବଂ ସେଇଠି ମୋର ଗୋବିନ୍ଦ ଆଉ ତା' ପରିବାର ସହ ଦେଖା ।ସେତେବେଳେ ଗୋବିନ୍ଦକୁ ଛ' ଅ ବର୍ଷ ଏଗାର ମାସ । ଆସନ୍ତା ଜୁନ ୨୦ ତାରିଖ ଦିନ ତାକୁ ସାତ ବର୍ଷ ହୋଇଯିବ । ପିଲାଟି ଦେଖିବାକୁ ଏକ ପୂର୍ଣ୍ଣିମା ରାତ୍ରିର ଗୋଲ ଜହ୍ନ ପରି ଧବଳ । ମୁହଁରେ ଏକ ଅଦୃଶ୍ୟ ତେଜ । ତାହାର ସେହି ତେଜ ହିଁ ମତେ ତା' ପ୍ରତି ଅଧିକ ପରିମାଣରେ ଆକର୍ଷିତ କରିଥିଲା ।ତା' ପରେ ତା' ଘରର ଦୟନୀୟ ଅବସ୍ଥା ଦେଖି ମୁଁ ବାପାଙ୍କୁ କହି ତାକୁ ଆମ ଘରକୁ ନେଇ ଆସିଲି । ସେହି ଦିନ ଠାରୁ ସେ ଆମ ଘରେ ପୁଅ ପରି ରହିଲା । ଆଉ ବାପା ମଧ୍ୟ ହରିଆକୁ ମହାଜନର କର ଭାରରୁ ମୁକ୍ତ କରିଦେଲେ ।ବର୍ତ୍ତମାନ ସେ ଆମ ଘରର ଯାବତୀୟ କାମ କରିବା ସହିତ କିଛି କିଛି ଅକ୍ଷର ଲେଖିବା ଓ ପାଠ ପଢିବା ମଧ୍ୟ ଶିଖିଲା ଏବଂ ତା' ଗୁରୁ ସାଜିଥିଲି ମୁଁ । ଏମିତି ଦୀର୍ଘ ପାଞ୍ଚ ବର୍ଷ ବିତିଗଲା । ବାପାଙ୍କ ଓକିଲାତି କାମ ବି ଠିକ ଠାକ ଚାଲିଥାଏ । ଆମେ ସମସ୍ତେ ହସଖୁସିରେ ଦିନ କାଟୁଥିଲୁ ।ଆଉ ଗୋବିନ୍ଦ ଧ୍ୟାନ ଦେଇ ପାଠ ବି ପଢୁଥାଏ । କିନ୍ତୁ ହଠାତ ଦିନେ ଝଡ ଉଠିଲା । ସେଇଟା କି ପ୍ରକାର ଝଡ ହେଇଥିବ ତାହା ଆପଣମାନେ ଆଦୌ ଅନୁମାନ କରିପାରୁ ନଥିବେ । କାରଣ, ତାହା ଏକ ଅଜଣା ଆଗନ୍ତୁକ ସମାନ ଝଡ ଥିଲା ।

ସେ ଦିନ ମା' ଗୋବିନ୍ଦକୁ ଶହେ ଟଙ୍କିଆ ନୋଟ ଦେଇ ବଜାରରୁ କିଛି ପରିବା ଆଉ ସଉଦା ଆଣିବା ପାଇଁ ପଠେଇଥିଲେ ।ଦଶ ବର୍ଷର ପିଲା ହେଲେ ମଧ୍ୟ ସେ ଖୁବ ଚତୁର ଓ ବୁଦ୍ଧିଆ ଥିଲା । କିନ୍ତୁ ତା' ର ସେ ଚତୁର ପଣିଆ ସେ ଦିନ ତା' ପାଇଁ ବିପଦ ସୃଷ୍ଟି କରିଥିଲା ।ମଧ୍ୟାହ୍ନର ତାତି ଭିତରେ ଏତେ ବଡ ବଜାରରୁ ହଠାତ ଯେ ଗୋବିନ୍ଦ

ନିଶ୍ଚିହ୍ନ ହେଇଯିବ, ସେ କଥା କିଏ ବିଶ୍ୱାସ କରିପାରୁ ନଥିଲେ । କିନ୍ତୁ ସତରେ ସେ କିମ୍ବା ତା' ର ଛାଇ କେହି ବି ବଜାର ଭିତରେ ପ୍ରତୀୟମାନ ନଥିଲେ । କେତେ ଖୋଜା ଖୋଜି ପରେ ମଧ୍ୟ ଆମେ ତା' ସନ୍ଧାନ ପାଇପାରି ନଥିଲୁ । ମା' ଗୋବିନ୍ଦକୁ ଝୁରି ଝୁରି କଳା କାଠ ପରି ଦିଶୁଥିଲେ ଏବଂ ଦୁଇ ଆଖିରୁ ଲୁହ ବନ୍ଦ ହେଉ ନଥାଏ । ମତେ ଯେପରି ଲାଗିଲା ଆମ ସୁଖୀ ସଂସାରରେ କାହାର ନଜର ଲାଗିଲା ।ବାପା ଯାଇ ଥାନାରେ ରିପୋର୍ଟ ଲେଖାଇଲେ । କିନ୍ତୁ କିଛି ଲାଭ ହେଲା ନାହି । ସେତେବେଳେ ହିଁ ବାସ୍ତବ ଗୋବିନ୍ଦର ସେହି ବିକଳ 'ଅପା' ଡାକ ମୋ ଅତୀତର ସ୍ୱପ୍ନକୁ ସେଇଠି ପୂର୍ଣ୍ଣଚ୍ଛେଦ ଦେଇଦେଲା । ତେଣୁ ମୁଁ ପୁଣି ପଚାରିଲି, ବାପାରେ, ତୁ ଏତେ ଦିନ କୁଆଡେ ଥିଲୁ ? କୋଉଠି ଥିଲୁ ? ମୋର ଏହି ପ୍ରଶ୍ନରେ ସେ କିଛି କ୍ଷଣ ନୀରବ ରହି ପୁଣି ଆରମ୍ଭ କଲା ସେଇ ଅଧା ଖଣ୍ଡିଆ ପୁରୁଣା କାହାଣୀ । ସେଦିନ ଅପରାହ୍ନରେ କିଛି ଗୁଣ୍ଡା ତାକୁ ଅପହରଣ କରିନେଇଥିଲେ ଏବଂ ଏକ ଅଜଣା, ଅଚିହ୍ନା, ଅନ୍ଧାର ଘରେ ତାକୁ ବାନ୍ଧି ରଖିଥିଲେ ।କାରଣ, ସେମାନେ ଛୋଟ ଛୋଟ ପିଲାଙ୍କୁ ଅପହରଣ କରି ନେଇ, ସେମାନଙ୍କ ଦ୍ୱାରା ବହୁ ଅସାମାଜିକ କାର୍ଯ୍ୟ କରାନ୍ତି ଆଉ ଅର୍ଥ ଉପାର୍ଜନ କରନ୍ତି । ଗୋବିନ୍ଦର ଏପରି କଥା ଶୁଣି ମୋ ଦେହ ମନ ଭୟରେ ଥରି ଉଠିଥିଲା । ଦେହର ଲୋମ ଟାଙ୍କୁରି ଉଠିଥିଲା । ତଥାପି ସେ ମନରେ ଦମ୍ଭ ଧରି ସେଠାରୁ ଖସି ଆସିବାକୁ ଉପାୟ ଚିନ୍ତା କରୁଥିଲା । ତା' ପରି ସେଠାରେ ଆହୁରି ଅନେକ କୁନି କୁନି ପିଲାମାନେ ଅସହାୟ ଅବସ୍ଥାରେ ପଡିରହିଥିଲେ । କିନ୍ତୁ ସେଠାରୁ ମୁକୁଳିବାର ସବୁ ରାସ୍ତା ବନ୍ଦ ଥିଲା ।ରାତି ସମୟ । ଗୁଣ୍ଡା ମାନେ ବସି ଖାଉଥାନ୍ତି । ଠିକ ଏତିକିବେଳେ ଗୋବିନ୍ଦ ଏବଂ ଆଉ କିଛି ପିଲା ମିଶି ପାଖରେ ପଡିଥିବା ବାଲିକୁ ସେମାନଙ୍କ ମୁହଁରେ ଫୋପାଡି ସେଠାରୁ ଖସି ପଳେଇବାରେ ସଫଳ ହେଲେ।ଏହାପରେ ପିଲାମାନେ ନିଜ ବାଟ ନିଜେ ଖୋଜି ନିଜ ନିଜ ଘରକୁ ଯିବାକୁ ଚେଷ୍ଟା କଲେ । ଗୋବିନ୍ଦ ମଧ୍ୟ ରାସ୍ତା ନ ପାଇ ଜଙ୍ଗଲ ରାସ୍ତା ଦେଇ ଆମ ଘରକୁ ଆସିବାକୁ ବାଟ ଖୋଜୁଥିଲା । ସେହି ସମୟରେ ତା' ଆଣ୍ଠୁ ଗଣ୍ଠି ଛିଡି ପଡିଥିଲା ଏବଂ ଏକ ଅଦୃଶ୍ୟ ଭୟ ସଙ୍କୁଳିତ ଅବସ୍ଥାରେ ସେ ଘରକୁ ଆସିଥିଲା । ଏତିକି ଶୁଣି ମୁଁ ପୂରାପୂରି ଡରି ଯାଇଥିଲି । ତଥାପି ନିଜକୁ ସମ୍ଭାଳି ନେଇ ତାକୁ ସାବାସି ଦେଇ ବାପା, ବୋଉଙ୍କୁ ତା' ଚତୁରତା ସମ୍ବନ୍ଧରେ ଜଣାଇଲି । ତା' ପରେ ବାପାଙ୍କୁ କହି

ଥାନାରେ ରିପୋର୍ଟ ମଧ୍ଯ କଲୁ | କିନ୍ତୁ ଅସଲି ଜାଗାରେ ପହଞ୍ଚିଲା ବେଳକୁ ............. | ଆପଣମାନେ ଠିକ ଅନୁମାନ କରିପାରୁଥିବେ | ମାନେ ଠିକ ସମୟରେ ଆସାମୀଟି ଫେରାର | ତଥାପି ସେଠାରୁ ମିଳିଥିବା କିଛି ପ୍ରମାଣ ଏବଂ ଗୋବିନ୍ଦର ବୟାନରୁ ଆରକ୍ଷୀ ଅଧିକାରୀ ସେଇ ଆସାମୀ ଏବଂ ତା' ସାଥୀ ମାନଙ୍କୁ ମଧ୍ଯ ହାଜତକୁ ନେବାକୁ ସଫଳ ହେଲେ | ଏପଟେ ମୋ ମା' ଗୋବିନ୍ଦକୁ ମନ ଭରି ଦେଖିବା ପାଇଁ ଅଥୟ ହୋଇପଡୁଥାନ୍ତି | ମା' ଙ୍କର ଖୁସିର ସୀମା ନ ଥାଏ | ଠିକ ଏହି ସମୟରେ ବାପା, ମୁଁ ଆଉ ଗୋବିନ୍ଦ ଆସି ଘରେ ପହଞ୍ଚିଲୁ | ମା' ଗୋବିନ୍ଦକୁ ଦେଖି ସତେ ଯେମିତି ଆତ୍ମହରା ହୋଇପଡିଲେ |ମାଛ ଯେପରି ପାଣି ବିନା ବଞ୍ଚିପାରେ ନାହିଁ, ସେହିପରି ମୋ ମା' ଗୋବିନ୍ଦ ବିନା । ସେ ଯାହା ହେଉ ଭଗବାନଙ୍କ କୃପାରୁ ସେ ଠିକଭାବରେ ଘରେ ଆସି ପହଞ୍ଚିଲା । ତାକୁ ଦେଖିଲା ପରେ ସତେ ଯେମିତି ସମସ୍ତଙ୍କ ଶୁଷ୍କ ପ୍ରାଣରେ ଏକ ଅପୂର୍ବ ସ୍ପନ୍ଦନ ସୃଷ୍ଟି ହୋଇଯାଇଥିଲା । ସମସ୍ତଙ୍କ ମୁହଁରେ ଖୁସିର ଲହରୀ । ମା'ଘଟ ଗାଁ ତାରିଣୀଙ୍କ ପାଖରେ କରିଥିବା ମାନସିକକୁ ମଧ୍ଯ ପୂରଣ କଲେ । ଶହେ ଆଠ ନଡିଆ ଭାଙ୍ଗିଲେ ଏବଂ ହଜାରେ ଲୋକଙ୍କୁ ଭୋଗ ବାଣ୍ଟିଲେ। ଏହା ଦେଖି ମୁଁ ମନେ ମନେ ଭାବିଲି "ଧନ୍ୟ ସେ ଗୋବିନ୍ଦ, ଆଉ ଧନ୍ୟ ତା' କ୍ରିୟା କଳାପ" ।

ଆଜି ବି ମୋ ମନରେ ସେହି ଅଭୁଲା ସ୍ମୃତି ବାରମ୍ବାର ପ୍ରତୀୟମାନ ହୁଏ । କିନ୍ତୁ ସେ ଭବିଲା ବେଳକୁ ଆଜି ବି ମତେ ଭୟ ଲାଗେ । ଏହାପରେ ଦୀର୍ଘ ପନ୍ଦର ବର୍ଷ ସେ ଆମ ଘରେ କାମ କରିବା ସହ ପାଠଶାଠ ପଢି ବଡ ହେଲା । ବର୍ତ୍ତମାନ ସେ ଏକ ସଫଳ ଇଞ୍ଜିନିୟର । ସେ ଆଜି ଖୁବ ଖୁସି । ଆଜି ମଧ୍ଯ ସେ ନିଜ ଜୀବନକୁ ଆମ ପାଇଁ ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ । କିନ୍ତୁ ସେ ଯାହା ହେଉ ଭଗବାନ ସେପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ଆମକୁ କେବେ ସୁଯୋଗ ଦେଇ ନାହାନ୍ତି କି ଭବିଷ୍ୟତରେ କେବେ ଦିଅନ୍ତୁ ନାହିଁ ।



# ଟିକେ ଗଣେଷପରି ହୁଅ

ଡ: କୁଳାଙ୍ଗାର

ଗଣେଷ ପରି ପେଟ ତୋ ବଢୁ
ଗଣେଷ ପରି ଦେହ,
ଗଣେଷ ପରି ହୁଅରେ ଭାଇ
ଗଣେଷ ପରି ହୁଅ !

ଗଣେଷ ପରି ଉଚ୍ଚ ନ ହୁଅ
ଶରୀର କିନ୍ତୁ ବଢୁ;
ଚକାମାଡ଼ି ଚେହେରା କାଢ଼ି
ଖାଅ କ୍ଷମତା ଲଡୁ !

ଭୋଗ ଖାଇ ଦକ୍ଷିଣା ନେଇ
ଆଶୀର୍ବାଦ ଦିଅ,
ଗଣେଷ ପରି ହୁଅରେ ଭାଇ
ଗଣେଷ ପରି ହୁଅ !

ଦେହଟି ତୋର ଦେଖି ଖୁସି
ହେଉ ମଣିଷ ଜାତି,
ମୁଣ୍ଡଟି କିନ୍ତୁ ପଶୁଟିର
ହେଉ ବା ସିଏ ହାତୀ !

ଲଢ଼େଇ ପାଇଁ ବାପାଙ୍କୁଇଁ
ଆଜି ଆହ୍ୱାନ ଦିଅ;
ଗଣେଷ ପରି ହୁଅରେ ଭାଇ
ଗଣେଷ ପରି ହୁଅ !

ଗଣେଷ ହେଲେ ପୀଠର ଦିଅଁ
ବିଦ୍ୟାର ମାଲିକ ସିଏ;
ସ୍ୱପ୍ନଦେଖ ହେବାପାଇଁକି
କଲେଜ୍ ମାଲିକ ଟିଏ !

ଟିଭି କାଗଜେ ପାଠ ବିକ୍ରୀ
ବିଜ୍ଞଧନ ଦିଅ;
ଗଣେଷ ପରି ହୁଅରେ ଭାଇ
ଗଣେଷ ପରି ହୁଅ !

କହେ କେ ଯଦି ଯାଆ'ରେ ଯା'
ଲମ୍ବା କାମ ଧରି,
ଖତମ୍ କର ଯେମିତି ହେଉ
ସର୍ଟକଟ୍ କହି !

କ୍ଷମତା କେନ୍ଦ୍ର ଚାରିପାଖରେ
ହରଦମ୍ ଘୁରୁଥାଅ;
ଗଣେଷ ପରି ହୁଅରେ ଭାଇ
ଗଣେଷ ପରି ହୁଅ !

ବୁଲୁଥିଲେ ସେ ପୃଥିବୀ ସାରା
ମୂଷା ବାହାନ ଚଢ଼ି;
ବୁଲରେ ତୁମେ ପୃଥିବୀସାରା
ମାଉସ୍ ହାତେ ଧରି !

ଶୁଭ ଓଁ ଲାଭ ମନ୍ତ୍ରକୁ ନିଜ
ଲକ୍ଷ୍ୟ କରି ନିଅ;
ଗଣେଷ ପରି ହୁଅରେ ଭାଇ
ଗଣେଷ ପରି ହୁଅ !



# ପୁନରପି ଜନମମ୍

ଶାନ୍ତିଲତା ଦାସ

ସମ୍ମୁଖେ ମୋ ବଦ୍ରିଧାମ
ତୁମେ ପରା ମହାବିଷ୍ଣୁ ବଦ୍ରିନାରାୟଣ
ଏଇ ତୁମ ରାମେଶ୍ବର
ଦଶରଥ ସୂତ ତୁମେ ଅଯୋଧ୍ୟାନନ୍ଦନ
ତୁମେ ସେଇ ନନ୍ଦବଳା, କଳାକାହ୍ନୁ ଗୋପୀସଖା ଦ୍ବାପରର କୃଷ୍ଣ
ପାର୍ଥର ସାରଥୀ ତୁମେ, ଦ୍ବାରିକା ନରେଶ ତୁମେ
ତୁମେ ସେଇ ଯୋଗେଶ୍ବର, ରାଜେଶ୍ବର ଦେବକୀ ନନ୍ଦନ...
ନିଶବ୍ଦ ରାତିରେ କେବେ ମୃଦୁମନ୍ଦ ସମୀରଣ
ବହି ଆଣେ ବେଦମନ୍ତ୍ର ଓଁକାରର ଧ୍ବନୀ,
ଭାସି ଆସେ କେବେ ପୁଣି ତ୍ରେତୟାର ତପୋବନୁ
ଅଶ୍ବମେଧ ଯଜ୍ଞର ସେ ପୂର୍ଣ୍ଣାହୁତି ବାଣୀ ।
ଯମୁନାର ଛାତି ଚିରି କୁଳୁ କୁଳୁ ନାଦ ସାଥେ
ଶୁଭେ ପୁଣି ସୁମଧୁର ବଂଶୀର ସେ ପ୍ରେମଭରା ଡ଼ାକ
ନିଶାର୍ଦ୍ଧରେ କେବେ ପୁଣି ଆନମନା କରେ ମତେ,
ଅଗୁରୁ ଚନ୍ଦନ ସାଥେ ତୁଳସୀ, କସ୍ତୁରୀ ଆଉ କର୍ପୂର ମହକ...
ନୀଳ ମହୋଦଧି ତୀରେ ନୀଳ କନ୍ଦର୍ପର କୋଳେ,
ତୁମେ ଏବେ ଉଦ୍ଭାସିତ ଶଙ୍ଖମଧ୍ୟେ ରତ୍ନ ସିଂହାସନେ
କିଏ କହେ ନିଦାବିଷ୍ଣୁ, କିଏ କହେ ମହାମେରୁ
ପୁଣି କହେ ବ୍ରହ୍ମଦାରୁ... ରାଜୀବଲୋଚନ କିଛି ପଢୁଛି କି କାନେ ?
ଅଦୂରରେ ବିଦ୍ୟମାନ ତୁମର ସେ ନିତ୍ୟ ବୃନ୍ଦାବନ
ଯହିଁ ତୁମେ ରଚୁଥିଲ ରାସଲୀଳା ଗୋପୀଙ୍କର ମେଳେ
ବରଷକେ ଥରେ ଆଜି ଧାଇଁ ଆସ ରଚିବାକୁ ନବଦିନ ଯାତ୍ରା
ଭାଇ ଭଉଣୀଙ୍କ ସାଥେ, ଗୁଣ୍ଡିଚା ମାତାଙ୍କ କୋଳେ...
ଅପରୂପ ତୁମର ଏଇ ମାନବୀୟ ଲୀଳା
ଯୁଗେ ଯୁଗେ ମୁନିଋଷି ଯୋଗିଗଣ ସଦା ଅଗୋଚର
ଅବତାର ନେଇ ଏଇ ମର୍ତ୍ତ୍ୟ ବୈକୁଣ୍ଠେ
ପୁନରପି କରିବାକୁ ଦାନବ ସଂହାର

# ମନ



ରାମ ଚନ୍ଦ୍ର ସାହୁ

ମନ କେବେ ଅଜଗରର ଖର ନିଶ୍ବାସ
କେବେ ତୁମ୍ କି ଲତାର
ଆଉଜା ଦେହ
କେବେ କେବେ କଁଅଳା ଛୁଆର
ବିମୁଧ ବଂଧନ ତ
କେବେ ସ୍ମୃତିର
ସମୁଦ୍ର ମନ୍ଥନ !

ମନ କେବେ ମଧ ନିର୍ଲଜ ନୟନର
ଅସମାପ୍ତ ଜନ୍ତଣା
ଆଉ କେବେ ଖୋଲା
ହୃଦୟର ସ୍ତୁପିକୃତ ଆଶା
କେବେ ହାଲକା ଆଖିର
ନିରବ ସମର୍ପଣ !!

ମନ କେବେ ଜୀବନ ସନ୍ଧ୍ୟାର
ନିବୁଜ ନିମନ୍ତ୍ରଣ
କେବେ ଅନ୍ଧାର ରାତିର
ନିଶବ୍ଦ ଗଜଲ ତ
କେବେ ଜହ୍ନ ଆଲୁଅର
ବିକ୍ଷିପ୍ତ ମଶାଲ !!!

ପାରିବ ଜଦି
କିଣିନିଅ ସବୁ ମନକୁ
ଯିଏ କି ବାଣ୍ଟୁଥିବ
ସୁଖ ଆଉ ଦୁଖର
ସହସ୍ର ଫୁଲଙ୍କୁ ।



# ପିଠା

ସରୋଜ ମିଶ୍ର

ଆମ ପରମ୍ପରା ସବୁଠୁ ନିଆରା.. ନିଆରା ବି ଯେତେ ଓଷା
ଖୋଜି ଆସ ଯାଇ ଜଗତେ ଟି ଭାଇ ସବୁଠୁ ଉଚ୍ଚେ ଓଡ଼ିଶା
ଗାଁ ମୁଖରିତ ଘର ମୁଖରିତ ଆଗ୍ରହ ମନ ସବୁରି
ବିରି ବଟାଘଷା ଆସୁଅଛି ଓଷା ଇତଃସ୍ତତଃ ସବୁ ନାରୀ – ୧

ବାରମାସେ ତେର ପରବ ଯୋଉଠି ଘରେ ହୁଏ ପିଠାପଣା
ନିତି ଲାଗିଥାଏ ଘର ଲିପାପୋଛା ବାସୁଥାଏ ଖାଲି ଝୁଣା
ବିଶୁଦ୍ଧ ପତ୍ରରେ ଏଣ୍ଡୁରି ପିଠାଟି ପତ୍ର ଆଢୁଆଳେ ଥାଏ
ସତେକି କୁଆଁରୀ ବହୁଟିଏ ସାଜି ଓଢ଼ଣା ଫାଙ୍କରୁ ଚାହେଁ – ୨

ହଳଦୀ ଗଛଟି ସବୁଠାରୁ ଶ୍ରେଷ୍ଠ ପୂଜା କର୍ମଲାଗି ଲୋଡ଼ା
ତା ଲାଗି ବାସନା ଏଣ୍ଡୁରି ପିଠା ଟି ସଭିଁଙ୍କ ଜିଭ ଖସଡ଼ା
ଘିଅ ଫୁଟା ଡାଲମା ଚାହିଁ ରହିଥାଏ କେବେ ହେବ ଯତିପାତ
ହୋଇବଟି କେବେ ତ୍ରିବେଣୀ ସଙ୍ଗମ ସାଙ୍ଗରେ ପିଠଉ ମିତ – ୩

ଚିତା ଝୋଟି ଭରା ପିଣ୍ଡା ଓ ଅଗଣା ମନା ଆତଯାତ ଲାଗି
ଦୁଆର ମୁହଁରେ ଦୁବ ବରକୋଳି ପତ୍ର ଘର ଥିବେ ଜଗି
ବାଟବରଣ ଟି ନିର୍ମଳ ଲାଗଇ ଆତ୍ମା କହେ ଧନ୍ୟ ଧନ୍ୟ
ଧୂପ ମହକରେ ଘର ମହମହ ମହକଇ ମହାଶୂନ୍ୟ – ୪

ପୋଢୁଆଁ ଅଷ୍ଟମୀ ଘରେ ପିଠାପଣା ବଡ଼ଟି ହୁଏ ପଢୁଆଁ
ରାତିରୁ ଶୋଇନି ବଡ଼ ପୋଢୁଆଁ ଟି ପିନ୍ଧିବାକୁ ଜାମା ନୁଆଁ
ଶୀତ କୁ ଯେ ଡରୁଥିଲା ସବୁ ଦିନ ପାଣିକୁ ଦେଖିଲେ ଛେଳି
ସକାଳୁ ସକାଳୁ ଚିକଣ ଚାକଣ ନୁଆରେ ହଳଦୀ ବୋଳି – ୫

ସଭିଁଙ୍କୁ ଚିଡ଼ାଏ ବଡ଼ ବୋଲି ଦେଖ ତା'ପାଇଁ ହୋଇଛି ନୁଆଁ
ତୁ ଆଗେ ନ ଆସି ପଛରେ ଆସିଲୁ ସେଥିଲାଗି କାନ୍ଦୁ କିଆଁ ?
ଏମିତି କେତେଯେ କାମୁଡ଼ା କାମୁଡ଼ି ଭାଇ ଭଉଣୀ ସମ୍ପର୍କେ
ଦୂରେ ଥିବା ଭାଇ ଭିତରେ କାନ୍ଦଇ ଲୁହ ପିଇ ଢୋକେ ଢୋକେ – ୬

ଷଷ୍ଠୀ ଘରେ ବସି ବନ୍ଦାପନା ସାଥେ ପିଠିରେ ଷଠି ପାହାର
ଯେତେକ କୁଣ୍ଡିଆ କଣ୍ଟାଡାଳେ ବନ୍ଧା ସଭିଁଙ୍କ ଭୟ ତା'ଠାର
ମାମୁଁ ଦେଇଥିବା ପେଣ୍ଟ୍ ସାର୍ଟ୍ ମିଠା ଆଉ ଶ୍ରଦ୍ଧା ଉପହାର
ଭୁଲିକି ହୁଅଇ ସେଇ ଦିନ ସବୁ ସେନେହର ଗନ୍ତାଘର – ୭

କେତେ ଦିଆନିଆ ସାହି ପଡ଼ିଶାରେ ସଭିଁଙ୍କର ଏକ ମନ
ଖୁସି ଆନନ୍ଦରେ ଜଣାପଡ଼େ ନାହିଁ କଟିଯାଏ ସେହି ଦିନ
ମନ ପବିତ୍ରତା ଆତ୍ମାରେ ଶୁଦ୍ଧତା ଆଣେ ଏ ପର୍ବପର୍ବାଣୀ
ମନେ ପଡ଼େ ଯେତେ ପୁରୁଣା କାହାଣୀ ପିଠା ର ନାଁ ଟି ଶୁଣି – ୮



# ମାଗୁଣୀ

ନିତ୍ୟଦର୍ଶନ ମିଶ୍ର

ତୁମର ତ ଟେକା ହାତ
ମୁଁ ସିନା ଅଝଟିଆ,
ଅବୁଝା..
ବୁଝେନି, ସେଇ ହାତ ଟେକା କେଇଟା
ଶବଦର ଦାନ ରେ..
ଖେଳୁ ଖେଳୁ କେତେବେଳେ ଶବଦ ସବୁ
ଭାବ ହେଇ ଲମ୍ଭି ଛାଟି ହେଇଯାଏ ସେ ଦୂର ଯାଏଁ
ବୋଧେ ଆଖି ଆଢୁଆଳ ଯାଏଁ
ନବଦିଗନ୍ତର ପରିସୀମା ଯାଏଁ !!

ଏବେ ତ ଦିଗନ୍ତରୁ ଫେରି ଚାହିଁ ହୁଏନି
ଦୂର କରି ହୁଏନି
ଦୂରତା, ସମୟର
ମନ ର
ସମ୍ପର୍କର...
କେମିତି ଅଝଟ ପଣରେ
ମୋଡ଼ ବଦଳେଇ ନେଲାବେଳେ
ରାସ୍ତାରେ ତ ଉଠି ଯାଇଛି
ଅବୁଝା ଉପେକ୍ଷାର କଣ୍ଟା ଗଛ

ହଁ ହଁ ଏବେ ତ ସମୟ ବୁଝେଇ ଦେଇଛି,

ମୁଠାଏ ନୁହେଁ

ସୋରାଏ ନୁହେଁ...

ତୁମେ ତ ସବୁ ଟେକି ଦେଇଥିଲ

ଆମ୍ବର ଅଣପାତ୍ରରେ,

ଏମିତି କି ଲହୁ.. ଲୁହ ସବୁ

ନିଗାଡ଼ି ନିଗିଡ଼ି ଶେଷ ବିନ୍ଦୁ ଯାଏଁ |

ଏବେ ଆଉ ହଁ ନା ର ଛକି ଶୂନ ଖେଳ ରେ

ମୁଁ ତୁମକୁ କଣ ଦେଇ ପାରିବି

ହଁ ତୁମର ଶବ୍ଦ ସବୁ କୁ ସାଇତି ପାରିବି

ମୋ ଛାତିର ଗୁମୁଟ ଘରେ

କୋହର ସୁକି ଭିଡ଼ି ଦେଇ

ହେଲା ଶୂନ...

ମୁଁ ଆଉ ସେ ସବୁକୁ ଗାଇ ପାରିବିନି

ଗୀତର ସୂରରେ

ଡର କାଳେ ପୁଣି କିଏ ଗାଇ ନେବ

ମୋ ସୂରରୁ ଅତିସୂର ହୋଇ

ସେତେବେଳେ ତ ବିଶ୍ବାସ ପୁଣି ପାଲଟି ଯିବ ପାପ

ଆଉ... ମୋତେ ପୁଣି ମାଗିବାକୁ ପଡ଼ିବ

ମାଗୁଣି...

କେଇ ବୁନ୍ଦା ରକ୍ତ ଲୁହର ନାଁ ରେ

ମୋ ଆଖିରୁ... ତୁମ ଆଖି ଯାଏଁ



# "କାର୍ଗିଲ କାନ୍ଦୁଛି"

ଅସିତ କୁମାର ପଣ୍ଡା

(ବିଜୟ ଦିବସ ଅବସର ରେ କର୍ଗିଲ୍ ସହିଦଙ୍କ ପାଇଁ ଏହି ଗୀତି କବିତା ଏକ ଶ୍ରଦ୍ଧାଞ୍ଜଳୀ)

କାନଡେରି ଶୁଣ ଭାରତ ସନ୍ତାନ
ମନରେ ତୁମର ହେଜି
କାହାକୁ ନକହି ଲୁଚେଇ ଲୁଚେଇ
କାର୍ଗିଲ କାନ୍ଦୁଛି ଆଜି
ବାରଟି ବିଜୟ ଦିବସ ହରଷେ
ପାଳିଲୁଣି ସିନା ଆମେ
ଏ'ବାର ବରଷ ବାହୁନି ବାହୁନି
କୋହରେ କାର୍ଗିଲ ଜମେ
ଜଣା ପଡେ ତାକୁ ସେ ହିମ ଜମାଟେ
କିଏସେ ଯାଇଛି ହଜି
ଅଣ୍ଡାଳେ ସେ ନିତି ତା ବରଫ ଛାତି
ପାଏନାହିଁ ହେଲେ ଖୋଜି
ମନେ ମନେ ଭାବେ ତା'ପାଇଁ ହଜିଛି
କେତେ ଜୀବନର ସତ୍ତା
ଛାତିରେ ତାହାର ହୁ-ହୁ ଜଳିଛି
କେତେ ଯବାନଙ୍କ ଚିତା
ବହିଛି ତା'ପାଇଁ କେତେଯେ ରକତ
ଝରିଅଛି କେତେ ଲୁହ
କିଏ ହରାଇଛି ସୁହାଗ ସିନ୍ଦୁର
କିଏ ହରାଇଛି ପୁଅ
କିଏ ବା ତାପାଇଁ ଘରକୁ ଫେରିଛି
ହାତକୁ ହଜେଇ ଦେଇ
କିଏ ଅବା ନିଜ ଗୋଡକୁ ହରାଇ
ଫେରିଛି ପଙ୍ଗୁ ହୋଇ

ଅକାଳେ ତାପାଇଁ ଝରିଗଲା ସିନା
କେତେ ନିରୀହ ଜୀବନ
ରାତି ଥାଉ ଥାଉ ଅଧା ରହିଗଲା
କେତେ ଆଖିର ସପନ
କନ୍ଦୁଥିବା ଏଇ କାର୍ଗିଲ ଦିନେ
ହସୁଥିଲା କିରି କିରି
ପ୍ରକୃତି ରାଣୀର କୋଳେ ଶୋଉଥିଲା
ତୁଷାର ଗାଲିଚା ପାରି
ଆକାଶ ସାଥିରେ କଥା ହେଉ ହେଉ
ଦିନ କଟି ଯାଉଥିଲା
ରାତିରେ ତାରା କୁ ଅନେଇ ଅନେଇ
ପତାମୁଦି ଯାଉଥିଲା
ଭାବିନଥିଲା ସେ ତା'ଭାଗ୍ୟ ଆକାଶେ
ଅନ୍ଧାର ଯିବ ଘେରି
ଘୁଣ ଖିଆ ପୋକ ପଶି ତା ଦେହରେ
ଦେହକୁ'ତା ଦେବେ କୋରି
ଦସ୍ୟୁଙ୍କ ଭଳି ପଶିଯିବେ ଆସି
ବେଇମାନ୍ ପ୍ରାକ୍ ସେନା
ପଶିଗଲେ ଯେବେ ମହା ବିପତ୍ତିର
ପାଇଲା ସିଏ ସୁଚନା
ଚାହୁଁ ଚାହୁଁ ସିଏ କବଳିତ ହେଲା
ଶତ୍ରୁ ଶଇନ କବଳେ
ମୁକ୍ତି ପାଇଁସେ ଚାହିଁ ରହିଥିଲା
ହିନ୍ଦ୍ ସେନାଙ୍କୁ ଆକୁଳେ
କାର୍ଗିଲ ମାଟିକୁ ଶତ୍ରୁ କବଳୁ
ମୁକ୍ତ କରିବା ପାଇଁ
ଭାରତର ବୀର ଯବାନ ଆସିଲେ
ଦୁର୍ଗମ ପଥ ଡେଇଁ

ଅଦମ୍ୟ ଉତ୍ସାହେ ଆଗେଇ ଚାଲିଲେ
ବିଜୟର ଗୀତ ଗାଇ
ଗୋଟିଏ ପରେ ଗୋଟିଏ ଅଞ୍ଚଳ
ନିଜ ଦଖଲରେ ନେଇ
ପାହାଡ ଶିଖରେ ଲୁଚି ରହିଥିଲେ
ବିଶ୍ବାସ ଘାତକ ଦଳ
ତଳେ ରହି ତାଙ୍କୁ ଦମନ କରିବା
ହେଉଥିଲା ପ୍ରତିକୂଳ
ଶିଖର ଉପରୁ ଛୁଟି ଆସୁଥିଲା
ବଇରୀ ବନ୍ଧୁକ ଗୁଳି
ଯେଉଁ ବୀର ଦେହେ ଲାଗି ଯାଉଥିଲା
ପଡୁଥିଲା ସିଏ ଟଳି
ତଥାପି ନିର୍ଭୟେ ପଦାତିକ ସେନା
ଚାଲିଲେ ଆଗକୁ ମାଡି
ସାଥ୍ ଦେବାପାଇଁ ବିମାନ ବାହିନୀ
ଆସିଲେ ଆକାଶୁ ଉଡି
ପଦାତିକ ସେନା ବଇରୀ ଦଳକୁ
ତିନିପଟୁ ଗଲେ ଘେରି
ଶିଖର ଉପରୁ ବିମାନ ବାହିନୀ
ଆକ୍ରମଣ ଥିଲା ଜାରି
ଭାରତୀୟ ସେନା ଉପରେ ତାଙ୍କର
ଆଉ ନପାଇଲା ବଳ
ଉପାୟ ନପାଇ ପଛକୁ ଫେରିଲେ
ବିଦେଶୀ ସଇନ ଦଳ
ଅଦ୍ୱୈତ୍ୟ ଶୌର୍ଯ୍ୟର ଦୃଷ୍ଟାନ୍ତ ରଖିଲେ
ଭାରତ ବୀର ଯବାନ
ପରାଜିତ ହୋଇ ସୀମା ସେ'ପଟକୁ
କଲେ ଶତ୍ରୁ ପଳାୟନ

କାର୍ଗିଲ ଯୁଦ୍ଧରେ ବିଜୟ ଲଭିଲେ
ଭାରତୀୟ ବୀର ସେନା
“ଟାଇଗର ହିଲ”ରେ ଫର ଫର ହୋଇ
ଉଡିଲା ତ୍ରିରଙ୍ଗା ବାନା
ସେଦିନର ସେହି ବିଜୟ ଦିନକୁ
ମନେପକେଇବା ପାଇଁ
ବିଜୟ ଦିବସ ପାଳୁଛି ଏ ଦେଶ
ଶୁର-ବୀର ଗାଥା ଗାଇ
ବିଜୟ ସ୍ମୃତିରେ ଆମେ ଖୁସି ସିନା
କାର୍ଗିଲ ନୁହେଁ ଖୁସି
କେଜାଣି କାହିଁକି ନିଜ ବିଚାରରେ
ନିଜକୁ ମଣୁଛି ଦୋଷୀ
ସମ୍ମାନ ତାର ଅତୁଟ ରଖିଲେ
ଯୁଝି ତା’ ବୀର ଯବାନ
କିଏ ଆଜୀବନ ପଙ୍ଗୁ ହୋଇଲା
କିଏ ତେଜିଲା ପରାଣ
ତା ଛାତିରେ ଆତ୍ମହୁତି ଦେଇଗଲେ
ଯେତେ ବୀର ଭାରତୀୟ
ସେ ବୀରଙ୍କ ଶୌର୍ଯ୍ୟ-ତ୍ୟାଗ କଥା ଭାବି
କାର୍ଗିଲ ଆଖିରେ ଲୁହ
ଦେଶର ଗୌରବ ଅକ୍ଷତ ରଖିଲେ
ଜୀବନକୁ ଦେଇ ବଳି
ଫୁଟିବା ଆଗରୁ ଝରିଗଲେ ଯେଉଁ
ଅଫୁଟା କୁଶୁମ କଳି
ଶତୃ ଗୁଳିରେ କାର୍ଗିଲ ଛାତିରେ
ଶୋଇଗଲେ ଯେଉଁ ମାନେ
ଏ ପୁଣ୍ୟ ଦିବସେ ସ୍ମୃତି ଶ୍ରଦ୍ଧାଞ୍ଜଳୀ
କୋଟି ଭାରତୀୟ ମନେ



# ସୁଦ୍ରସୁନ ଦିଘିତ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ନା ମୋ ହାତରେ କଲମ ଶୋଭା ପାଏନା | ମୁଁ ଜଣେ ନିପଟ ଗାଉଁଲି ଗଜ ମୁର୍ଖ | ତୁମେ ସବୁ ପାଠୁଆ ମଣିଷ | ମୋତେ ଛାଡ଼ିଦିଅ | ମୁଁ ଗାଁକୁ ଚାଲିଯିବି | ବିଲରେ ହଳ ଚଳେଇଲେ ଦି'ଓଳିର ଖାଇବା ପାଇବି, ଏଇ ପାଠ ପଢ଼ାରୁ ମୋତେ କଣ ମିଳିବ |

-ଚାଷ କରି ଯଦି ପେଟ ପୋଷିବାର ଥିଲା ତ' ସହରକୁ କାହିଁକି ଆସିଥିଲୁ | ଯଦି ସହରରେ ରହିବାର ଅଛି ତ ଧର କଲମ ଆଉ ବେଗାବେଗ୍ ଲେଖିଚାଲ ଯାହା ସବୁ ପଢ଼ା ହେଉଛି | ଆରେ ମୁର୍ଖ ଦି'ପଦ ପଢ଼ିଲେ ସିନା ଗାଁକୁ ଚିଠି ପଠେଇ ପାରିବୁ !

- ଚିଠି, କା'ପାଇଁ ଚିଠି ଲେଖିବି ବାବୁ | ଗାଁରେ କିଏ ଅଛି ମୋର ? ଦିନ ଦି'ପହରରେ ଗାଁ ଦାଣ୍ଡରେ ସଭାକରି ଆମ ଗାଁ ସରପଞ୍ଚଟାର ମୁଣ୍ଡଟାକୁ ଦେହରୁ ଅଲଗା କରିଦେଲେ | ଆମେ ମାଛିଟେ ମାରିଲେ ଭଗବାନ ବୋଲି କହୁଛୁ, ସେମାନେ ଦୁଇଥର ଚିନ୍ତା ବି କଲେନି | ବସିଥିଲା ଲୋକଟାର ପଛରୁ କାତି ପକେଇ ଦେଲେ, ହେଇ ଆମ ପୁରା ଗାଁ ଲୋକଙ୍କ ଆଗରେ ଗଁ ଗଁ ହେଇ ହରିଆ ସରପଞ୍ଚଟା ମରିଗଲା | ସେଇଦିନୁ ସବୁ ଗାଁ ଛାଡ଼ିଲୁ | ଗାଁରେ କିଏ ଆଉ ଅଛି କି ବାବୁ ? ସବୁ ବିଦେଶରେ | କିଏ କୋଲିଆରୀ ଗଲା, କିଏ ସୁରାଟ ଆଉ ଆଜ୍ଞା ଆମେ ଆଇଲୁ ରାଜଧାନୀ | ମୋ ବା' ଆଉ ସାନ ଭାଇ କେରଳ ଯାଇଛନ୍ତି |

- କିନ୍ତୁ ପାଠ ପଢ଼ିଲେ ଭଲମନ୍ଦ ଜାଣିବ | ଦୁନିଆରେ କ'ଣ ହେଉଛି ନ ହେଉଛି ସବୁ ବୁଝିବ |

- ଆମ ଦୁନିଆ ତ ଅନ୍ଧାର ବାବୁ | ଆଉ କୋଉଠି କଣ ହେଉଛି ସେଥିରୁ କଣ ମିଳିବ ? ସରକାର ବାହାଦୁର ବି ରଖିପାରିଲାନି ହରିଆ ସରପଞ୍ଚ ଭଳିଆ ଶକ୍ତ ମଣିଷକୁ ଗାଇଗୋରୁ ଭଳି କାଟିଦେଲେ | ଆଉ ଆମେ ପାଠ ପଢ଼ି କଣଟେ ଅଧିକ କରି ପକେଇବୁ ବାବୁ ?

- ତୁମକୁ କିନ୍ତୁ ପଢ଼ିବାକୁ ହେବ | ସରକାର ମାଗଣାରେ ବହି ଦେଇଛନ୍ତି, ସଂଜ ବେଳିଆ ସ୍କୁଲ୍ କରିଛନ୍ତି, କାହା ପାଇଁ ? ତୁମ ମାନଙ୍କ ପାଇଁ ତ ! ଆସ ଖାତା ଧର |

- ଥାଉ ବାବୁ, ପାଚିଲା ନିଶରେ ଆଉ କି ପାଠ ପଢ଼ିବି, ଜିଦ୍ କରୁଛନ୍ତି ଯଦି ନିତି ଆସୁଥିବି ଏଇଠି ବସୁଥିବି | ସବୁ ପିଲାମାନେ ଗଲାପରେ ଘର ପିଣ୍ଡା ସଫା କରି ଝାଡୁ କରିଦେଉଥିବି |

- ଯା' ମୋ ଚାକିରୀ ନେବୁ ନା କଣ ? ସରକାରୀ ବାବୁ ଜାଣିଲେ ମୋତେ ଚାକିରୀରୁ ବାହାର କରିଦେବେ |

- ଆଜ୍ଞା, ସରକାରୀ ହାକିମ ଆସିଲେ ମୋତେ କହିଦେଲେ ମୁଁ ଦସ୍ତଖତ କରିଦେବି |

- ଦସ୍ତଖତ ? ତୋତେ ଦସ୍ତଖତ କରି ଆସେ ? ଆଉ ପାଠ ପଢ଼ିବୁନି ବୋଲି କହୁଥିଲୁ ଯେ ?

- ଗାଁ କୁ ଆଜ୍ଞା ଠିକାଦାର ଆସିଥିଲା | ଗାଁକୁ ରାସ୍ତା ହେବ, ଯିଏ କାମ କରିବ ଟଙ୍କା ପଇସା ପାଇବ କହିଲା | ଆମେ ଅପାଠୁଆ ଯେତେ ସବୁ ଥିଲୁ ଗାଁ ମାଷ୍ଟ୍ରଙ୍କୁ କହି ଦସ୍ତଖତ କରିବା ଶିଖିଦେଇଥିଲୁ | ଖାଲି ପଇସା ପାଇଲା ବେଳକୁ ଦସ୍ତଖତ କରିବାକୁ ପଡ଼ିବ ବୋଲି |

- ଆରେ ବାଃ, କାହିଁ ଦେଖି ଏଠି ଦେଲୁ ଦେଲୁ ତୋ ଦସ୍ତଖତଟା, ଦେଖେ କଣ ସବୁ ଶିଖିଛୁ |

ଥର ଥର ହାତରେ କାଗଜ ଉପରେ ଲେଖିଦେଇଥିଲା ସୁନ୍ଦ୍ରସୁନ ଦିଘିତ | ମାଷ୍ଟ୍ରେ ପଚାରିଲେ ତୋ ନାଁ କ'ଣ? ସେ ହସିଦେଇ କହିଥିଲା, 'ସୁଦର୍ଶନ ଦିଗିତ' ଆଜ୍ଞା



# ଫେସ୍‌ବୁକ୍ -୨

( ପୂର୍ବ ପ୍ରକାଶିତ ଉତ୍ତାରୁ )

ପ୍ରଶାନ୍ତ କୁମାର ଭୂୟାଁ

ଏହା ଭିତରେ କେତେଦିନ ବିତିଗଲାଣି । ବନ୍ତିଳ ମାଇଁ ତାଙ୍କ ବାପଘରକୁ ଯାଇଛନ୍ତି । ଚୋରିଆ ମାମୁଁ ମନେମନେ ହାଙ୍କଡ଼ ଖାଉଛନ୍ତି ଏଇୟା ଭାବି ଯେ ଫେସ୍‌ବୁକ୍ ଭୂତ ବନ୍ତିଳ ମାଇଁଙ୍କ ମୁଣ୍ଡରୁ ଓହ୍ଲାଇ ଯାଇଥିବ ଭାବି । ଭିତରେ ଭିତରେ ସେ ଆଉ ଦୁଇ ତିନିଟା ନକଲି ଆଇ.ଡ଼ି. ଖୋଲି ସାରିଲେଣି ଫେସ୍‌ବୁକ୍‌ରେ ।

ସାଜସଜ୍ଜା ଓ ସୌନ୍ଦର୍ଯ୍ୟପ୍ରେମୀଙ୍କ ପାଇଁ " ଶୃଙ୍ଗାର" ବୋଲି ଗୋଟିଏ ଗ୍ରୁପ୍ ଆଉ " ପ୍ରେମରାଇଜ" ବୋଲି ଗୋଟିଏ ରୋମାଣ୍ଟିକ୍ ଗ୍ରୁପ୍ ଖୋଲିସାରିଲେଣି ଏ ଭିତରେ ସିଏ । ଶୃଙ୍ଗାର ଗ୍ରୁପ୍‌ରେ ଶୋଲିନାନୀ ଓ ଉରିଅପାଙ୍କୁ ଆଡ଼ମିନଷ୍ଟ୍ରେଟର୍ କରାହେଇଛି ସବୁ ମହିଳା ମେମ୍ବରଙ୍କୁ ଆଡ୍ କରିବା ପାଇଁ । ଶୋଲି ନାନୀ ହେଉଛନ୍ତି କେନ୍ଦୁପଦର ଗ୍ରାମର ନାରୀନେତ୍ରୀ । ଶରୀର ପାଇଁ ବହୁତ ଯତ୍ନବାନ । ତାଙ୍କ ୱାଲ୍‌କୁ ଗଲେ ଦେଖିବେ ସବୁ ପୋଷ୍ଟରେ ନିଜର ଗୋଟିଏ ଫଟୋ ଥିବ ଆଉ ବିଭିନ୍ନ ଭଙ୍ଗୀରେ । କେଉଁଟା ଶାଢ଼ୀରେ ତ କେଉଁଟା ଚୁଡ଼ିଦାରରେ, କେଉଁଟା ମାଧୁରୀ ବାଲା ଭଙ୍ଗୀରେ ତ କେଉଁଟା ବିଦ୍ୟା ବାଲନ୍ ଢ଼ଙ୍ଗରେ । ଅନେକ ଗ୍ରୁପ୍‌ରେ ଡାଇଟିଙ୍ଗ ଅଥବା ଲୋ କ୍ୟାଲୋରୀ ଫୁଡ୍ ଡିସ୍‌କସନ୍ ହିଁ ୟାଙ୍କର ମୁଖ୍ୟଚିନ୍ତା । ପୁଅମାନଙ୍କ ନାଁ ପଡ଼ିଲେ ୟାଙ୍କର ନାହୀ ଡିଏଁ ହେଲେ କୌଣସି ପୁଅର କମେଣ୍ଟ ଯଦି ମନକୁ ପାଇଗଲା ତାକୁ ଗୁଡିଏ ସ୍ମାଇଲି ପଠାନ୍ତି ଏବଂ ତାର ନାମ କୁ ବିଭିନ୍ନ ଗ୍ରୁପ୍‌ରେ ଆଡ଼ କରିଦିଅନ୍ତି ଉପହାର ସ୍ୱରୂପ ।

ଉରିଅପା ହେଉଛନ୍ତି ଚଳିତ ଫେସ୍‌ବୁକ୍ ଯୁଗର କବିଗୋଷ୍ଠୀର ଏକ ଉଜ୍ଜଳ ନକ୍ଷତ୍ର । ସେ କବିତା ଲେଖିଦେଲେ ସତେ ଯେପରି ରସକଲ୍ଲୋଳ ଝରଝର ହୋଇ ବହିଯାଏ । ହାମୁଡ଼ି ବସିଥାନ୍ତି ଆମର ରସିକ ଗୋଷ୍ଠୀ କମେଣ୍ଟ ଦେବାପାଇଁ । କେତେଜଣତ ତାଙ୍କ ପ୍ରତିଭାରେ ଗଦ୍‌ଗଦ୍ ହୋଇ ଲେଖିଥାନ୍ତି " ତୁମର କବିତାର ଧାଡ଼ି ଗୁଡ଼ାକ ଆମ ମନକୁ ଏଇମିତି ଛୁଇଁଯାଏ ଯେପରିକି ସଚିନ୍ ତେନ୍ଦୁଲ୍‌କର୍ ଙ୍କ ଷ୍ଟ୍ରେଟ୍ ଡ୍ରାଇଭ୍ ବାଉଣ୍ଡାରୀ କୁ ଛୁଏଁ " । ଆଉ ଦିନକର କଥା ଲେଖୁଛି । ଉରିଅପା ଗୋଟିଏ ବାଇଗଣ ପୋଡ଼ାର ଚିତ୍ର ମୋବାଇଲରେ ଉଠାଇ ପୋଷ୍ଟକରିଥିଲେ ନିଜ ୱାଲ୍‌ରେ । ୧୫୦ ଲାଇକ୍ ଓ ୧୪୬ କମେଣ୍ଟ୍ ଯାଏଁ ଲାଇନ୍ ଲାଗିଗଲା ଘଣ୍ଟାଏ ଭିତରେ । ଜଣେ ତ ଲାଗୁଥିଲା ଯେପରିକି ନଅଙ୍କ ଦୁର୍ଭିକ୍ଷରୁ ଉଠି ପଳେଇ ଆସିଥିଲା । ସେ କମେଣ୍ଟରେ ଲେଖିବସିଲା " ସାବିଅପା, ଏହି ବାଇଗଣ ପୋଡ଼ାର ସୁବାସରେ ମୁଁ ମନ୍ତ୍ରମୁଗ୍ଧ, ତୁମର ହାତର ଏହି ବାଇଗଣ

ପୋଡ଼ା ମୋ ପାଇଁ ଅମୃତ ତୁଲ୍ୟ....ପେଟ ପୂରିଗଲା " । ଫେସ୍‌ବୁକ୍‌ର ପୋଷ୍ଟଦେଖି ଯଦି ଏଭଳି ପେଟ ପୁରି ଯାଉଥାନ୍ତା ତାହାହେଲେ ଆଉ କଣ କେହି ଭୋକିଲା ରୁହନ୍ତେ ? ଏ କମେଣ୍ଟ ଦେବାଲୋକର ଅଲାଜୁକ ପଣିଆ ଦେଖି ସେଦିନ ଭାବିଥିଲି ଯେ ଅଲାଜୁକପଣିଆର କଣ ସୀମାଥାଏ ?

ପ୍ରେମ ରାଇଜ ଗ୍ରୁପ୍‌ରେ ଦୁଇ ତିନିଜଣ ଖଣ୍ଡିହିରୋଙ୍କୁ ଆଡ଼ମିନ୍ କରାହେଇଛି । ସେମାନଙ୍କ ଭିତରୁ ଜଣେ ପାଞ୍ଚଥର ମେଟ୍ରିକ୍ ଫେଲ୍ ହୋଇ ବେକାର ବସିଛନ୍ତି । ଏଣୁ ଇଣ୍ଟର୍‌ନେଟ୍‌ରୁ ରାତିଦିନ ଏଣୁ ତେଣୁ ସବୁ ଫୋଟୋନାଟ ସଂଗ୍ରହ କରି ଖାଲି ପୋଷ୍ଟ କରିଚାଲିଥାନ୍ତି ଅନ୍ୟମାନଙ୍କ ୱାଲ୍‌ରେ । ଆପଣ ନିଜର ଆଇ.ଡ଼ି. ଖୋଲିଲା ବେଳେ ଏ ମହାଶୟଙ୍କର ୪୦/୫୦ ଟି ପୋଷ୍ଟ ତ ନିଶ୍ଚୟ ଥିବ । ଦ୍ୱିତୀୟ ଜଣଙ୍କ ଜଣେ ହତାଶିଆ ପ୍ରେମିକ ଯାହାର ଜୀବନ ଯମୁନାରେ କେତେ ଉଜାଣୀ ଢ଼େଉ ବହିଯାଇଛି ତାର ହିସାବ ନାହିଁ । ସେ ସବୁ ଗ୍ରୁପ୍‌ରେ ଝିଅ ମାନଙ୍କ କମେଣ୍ଟରେ କମେଣ୍ଟ ଦେବାକୁ କେତେକେତେ ରାତି ଉଜାଗର ରହିଛନ୍ତି, ସେଥିରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍‌ଡ୍ ତାଙ୍କ ନାମରେ ଲେଖାହେବ । ତୃତୀୟ ଜଣଙ୍କ କଥା ତ କହିଲେ ନସରେ, ସେ ଜଣେ ପ୍ରୌଢ଼ବ୍ୟକ୍ତି ଏବଂ ତାଙ୍କ ସ୍ତ୍ରୀ ଙ୍କ ସ୍ୱର୍ଗାରୋହଣ ହୋଇସାରିଛି । ପୁଅ ଆମେରିକାରେ ଆଇ.ଟି. ଇଞ୍ଜିନିୟର ଆଉ ଝିଅର ବାହାସରିଛି ଓ ସେ ସ୍ୱାଇଁସହ ଜର୍ମାନରେ ଅଛି । ଯାଙ୍କୁ ଆଉ ଚିନ୍ତାକଣ ? ଏ ବାବୁଙ୍କର ୧୯୪୨ଜଣ ଫ୍ରେଣ୍ଡଲିଷ୍ଟ ରୁ ୧୮୫୭ ଜଣ ଝିଅ । ବେଳେବେଳେ କମେଣ୍ଟରେ ଇଏ ଲେଖନ୍ତି " ମାଡାମ୍, ମୋର ଫ୍ରେଣ୍ଡ୍ ରିକ୍ୱେଷ୍ଟ କୁ ବ୍ଲକ୍ କରିଦିଆ ହୋଇଛି ଏଣୁ ଆପଣ ମୋତେ ଫ୍ରେଣ୍ଡରିକ୍ୱେଷ୍ଟ ପଠାଇଲେ ମୁଁ ଉପକୃତ ହୁଅନ୍ତି " । ଯାଙ୍କର ବୟସ ଦେଖି ଓ ଶାନ୍ତ ସରଳ ପ୍ରୋଫାଇଲ୍ ଫୋଟୋ ଦେଖି କେତେଜଣ ମହିଳା ବାଉଳୀ ବିତାଳି ହୋଇ ରିକ୍ୱେଷ୍ଟ ପଠାଇଦିଅନ୍ତି ମଧ ।

ଏ ସବୁ ଆଇ.ଡ଼ି., ଗ୍ରୁପ୍ ଓ ଆଡ଼ମିନ୍ ମେଳରେ ସମୟ ବାଏଁ ବାଏଁ ଉଡ଼ି ଚାଲିଛି । ତାକୁ ବା ପରବାଏ କିଏ କରୁଛି ? ଚୋରିଆ ମାମୁଁ ଏବି ବହୁତ ଖୁସି । ଏବେ ଅଫିସ୍‌ରେ , କେଣ୍ଟିନ୍‌ରେ ଆଉ ଘରକୁ ଫେରିଲା ବେଳକୁ ବସ୍‌ରେ ମଧ ଫେସ୍‌ବୁକ୍‌ର ଆଲୋଚନା ହେଉଛି ସହକର୍ମୀମାନଙ୍କ ସାଙ୍ଗରେ । ନୂଆ ନୂଆ ଟେକ୍‌ନିକ୍ ସବୁ ଶିଖୁଛନ୍ତି ଅଫିସକୁ ଆସୁଥିବା କମ୍ପ୍ୟୁଟର୍ ଟେକ୍‌ନିସିଆନ୍ ଠାରୁ । ଏମିତି ବି ହେଲାଣି ଯେ , ଜାଣିଶୁଣି କମ୍ପ୍ୟୁଟରଟାକୁ ଭାଇରସ୍ ଲଗାଉଛନ୍ତି ସବୁ ନିଷିଦ୍ଧ ସାଇଟ୍ ସବୁକୁ ଯାଇ । ଏହାର ଲାଭ ହେଉଛି ଯେ କମ୍ପ୍ୟୁଟର୍ ଟେକ୍‌ନିସିଆନ୍‌କୁ ଡକା ଯାଉଛି ଏବଂ ସେ ଆସିଲେ ତାହାତରେ ସୁନ୍ଦର ସୁନ୍ଦର ଟାଇମ୍‌ଲାଇନ ଡିଜାଇନ୍ କରାହେଉଛି । ତାକୁ କହି ଗୋଟିଏ ୧.୫ଟେରାବାଇଟ୍‌ର ପୋର୍ଟେବଲ୍ ହାର୍ଡ଼ଡ଼ିସ୍କ ବି କିଣା ହେଲାଣି ସବୁ ରଙ୍ଗ

ବିରଙ୍ଗ ତଥ୍ୟ ସବୁ ରଖିବାକୁ । ଏହାର ଟେର୍ ବନ୍ତିଳ ମାଇଁ ଏ ପର୍ଯ୍ୟନ୍ତ ପାଇ ପାରିନାହାନ୍ତି ।

ମନେ ମନେ ଚୋରିଆ ବାବୁ ଫେସ୍‌ବୁକ୍ ର ସମସ୍ତ କାର୍ଯ୍ୟକର୍ତ୍ତା ଙ୍କୁ ଶତ ଶତ ପ୍ରଣାମ ଜଣାଉଛନ୍ତି ନିତିପ୍ରତି । ନୁହେଁତ ଆଉ କଣ ? ଏଇ ଫେସ୍‌ବୁକ୍ ଏବେ ତାଙ୍କର ପିଲାଦିନ, ଯୌବନର ସ୍ମୃତି ସବୁକୁ ସତେଜ କରିସାରିଲାଣି । ଏବେ ଚୋରିଆ ମାମୁଁ, ଆଉ ସାବୁନ୍ ଲଗାଉନାହାନ୍ତି ! ଏବେ ବାଥରୁମ୍‌ରେ ତିନି ପ୍ରକାର ବଡିୱାସ୍ । ରେଜର୍ ବଦଳରେ ଟ୍ରିମର୍ ଓ ଅତ୍ୟାଧୁନିକ ସେଭିଙ୍ଗ୍ କିଟ୍ ରହିଲାଣି । ନିଜକୁ ସୁନ୍ଦର କରିବାର ଏକ ପ୍ରତିଯୋଗିତା ରୀତିମତ ନିଜ ସହ ଆରମ୍ଭ କରିଦେଇଛନ୍ତି ସେ । କୋଠରୀରେ କେହି ନଥିଲା ବେଳେ ନିଜର ମାଂସପେଶୀ ସବୁକୁ ଫୁଲାଇ ଦର୍ପଣ ଆଗରେ ଦୁଇଚାରି ପ୍ରକାର ନାଚ ମଧ୍ୟ କରିପକାଉଛନ୍ତି । ଏବେ ଆଉ ଜଗଜିତ୍ ସିଂହଙ୍କ ଗଜଲ କିମ୍ବା ଭୀକାରି ବଳଙ୍କ ଭଜନ ଶୁଣିବାକୁ ଟିକେ ଅଡୁଆ ଲାଗୁଛି । ବେଡ଼ରୁମ୍‌ର ନିଜପଟର ଡିଭିଡ଼ି ଥାକରେ ଏବେ ସୁପର୍‌ଡୁପର୍ ହିଟ୍ ବଲିଉଡ଼ ଓ ହଲିଉଡ଼ ର ଭଳିକି ଭଳି ଗୀତ ସଂଗୀତ ସବୁ ସଜାହେବାରେ ଲାଗିଲାଣି । ସକାଳୁ ଉଠୁଉଠୁ, ଏପଟେ ଫେସ୍‌ବୁକ୍ ସେପଟେ "ଛମକ୍ ଛଲୋ " ଅଥବା " ଉଃ ଲା..ଲା..." ଗୀତ ନଲାଗିଲେ ତାଜ୍ ଟି ମଧ୍ୟ ଅସୁଆଦିଆ ଲାଗୁଛି ପାଟିକୁ ।

ଘରକୁ ଫେରିଲାବେଳେ ମନେମନେ ଅନେକ କଳ୍ପନା ଜଳ୍ପନା ଏଇଫେସ୍‌ବୁକ୍ ପାଇଁ । ଘର ପାଖ ଷ୍ଟପ୍ ପାଖେଇ ଆସିଲା ଦେଖି ନିଜର ହାତମୁଣାଟା କୁ ଧରି ଓହ୍ଲାଇଗଲେ ବସ୍‌ରୁ । ବନ୍ତିଳ ମାଇଁ ସାତଦିନ ପରେ ଆଜି ବାପଘରୁ ଫେରି ଆସିଛନ୍ତି ଖରାବେଳେ । ତାଙ୍କୁ ଖୁସି କରିବା ପାଇଁ ଫୁଲବାଲୀ ଠାରୁ ଗୋଟିଏ ରଙ୍ଗ ଇଟିମଳା ଫୁଲମାଳ କିଣି ଧରିଲେ ଚୋରିଆ ବାବୁ । ଆଜି ଆଉ ଦର କଷାକଷୀ ନକରିବା ଦେଖି ଫୁଲବାଲୀ ଭାବିଲା ବାବୁଙ୍କର ବୋଧେ ଦିହପା ଟିକେ ଭଲନାହିଁ । ଏଣୁ ସେ ନିଜ ମନକୁ ବୁଝାଇ ବାବୁଙ୍କ ପଛରୁ ଡ଼ାକି ଟଙ୍କାଏ ଫେରାଇଦେଲା । ବାବୁ ମଧ୍ୟ ଆନମନା ହୋଇ ସେଇଟା ଧରିଲେ । ଆଗକୁ କିଛି ବାଟ ଗଲା ପରେ ଗଙ୍ଗାରାମ ଦୋକାନରୁ ଅଧକିଲେ ଛେନାପୋଡ଼ କିଣିଲେ । ମାଇଁଙ୍କର ଭାରୀ ପସନ୍ଦ ଏହି ପୋଡ଼ରେ । ଏହି ଗୋଟିଏ ଜିନିଷ ଖାଇଲା ବେଳେ ସେ ପାନ ଥୁମ୍ପି , କୁଳୁକୁଚା କରି ଖାଆନ୍ତି , ଅତି ଶାନ୍ତିରେ ।

ଏଇତ ଘର ପାଖେଇ ଆସିଲା । ଚୋରିଆ ମାମୁଁ ଦେଖିଲେ ଘର ଦୁଆର ବନ୍ଧରେ ମଣ୍ଡାଫୁଲ ଆଉ ଆମ୍ବପତ୍ରରେ ଅତି ସୁନ୍ଦର ତୋରଣ ଟିଏ ବନ୍ଧା ହୋଇଛି । ଏରୁଣ୍ଡି ବନ୍ଧରେ ପାଣି କଳସ ମଧ୍ୟ । ବାବୁଙ୍କୁ ଏସବୁ ଅଡୁଆ ଯେତିକି ଲାଗିଲା ସେତିକି କୁତୁହଳବି ହେଲା । ସେ ଭାବିବାରେ ଲାଗିଲେ, ଏ ସବୁ କଣ ହେଉଛି ? ବନ୍ତିଳ କଣ

ମୋର ସ୍ୱାଗତ ପାଇଁ ଏ ସବୁ କରି ବସିଛି । ବାୟାଣୀ ଟାଏ, କେତେବେଳେ ଘରଦୁଆର କମ୍ପାଇ ରଡ଼ିଛାଡ଼େ ତ କେତେବେଳେ ଚରଣ ରଜକୁ ମୁଣ୍ଡରେ ଲଗାଇ ଆଖିକୁ ଜଳ ଜଳ କରି କହିବସେ, ହେଇତି ଗୁମାନ କରିବନିଟି ? ମୋ ହାତକାଚ ବଜ୍ର ହେଇଥାଉ, ଆଉ ମୁଁ ଅହ୍ୟସୁଲକ୍ଷଣୀ ହୋଇ ସେ ପାରିକୁ ଯିବି , ଏଇ ଆଶ୍ରିପାଦ ଦେଉଥିବ । ହସି ପକାଇଲେ ଚୋରିଆ ମାମୁଁ । ବୈଠକ ଖାନାରେ ପହଞ୍ଚି ସେ ଆଚମ୍ୱିତ ହୋଇ ଦେଖିଲେ ବନ୍ତିଳ ଦେବୀ ପାଟଲୁଗା ପିନ୍ଧି , ଅତି ସୁନ୍ଦର ଭାବେ ସାଜସଜ୍ଜା ହୋଇ ଗୋଟିଏ ଥାଳିରେ ଲଡୁ ଧରି ତାଙ୍କ ଆଡ଼କୁ ଆସୁଛନ୍ତି ଆଉ ହସ ଝରି ପଡୁଛି ତାଙ୍କ ମୁହଁରୁ । ବନ୍ତିଳ ଦେବୀ , ଚୋରିଆ ବାବୁଙ୍କ ମୁହଁରେ ଲଡୁଟାଏ ଗେଞ୍ଜିଦେଇ ତାଙ୍କ ହାତରୁ ବ୍ୟାଗ୍‌ଟା ଛଡ଼ାଇନେଲେ । ଆଉ ଚୋରିଆ ବାବୁଙ୍କ ମୁହଁଟାକୁ ପାଟକାନିରେ ପୋଛିଦେଲେ । ଚୋରିଆ ବାବୁ ହତବମ୍ବ ହୋଇ ପଚାରିଲେ କିହୋ ପ୍ରିୟେ , ଏ ସବୁ କଣ ଚାଲିଛି ?

ଟିକିଏ ମଧ୍ୟ ବିବ୍ରତ ନହୋଇ ବନ୍ତିଳ ଦେବୀ କହିଲେ ଆସମ ସବୁ କହୁଛି....!!!

( କ୍ରମଶଃ )

( ଏହି ଲେଖାରେ କିଛି ଇଂରାଜୀରୁ ଓଡ଼ିଆର ଅପଭ୍ରଂଶ ଶବ୍ଦ ବ୍ୟବହାର କରାଯାଇଛି । କେତେ ସରଳ ଗାଉଁଲୀ ଲୋକ ଗାଁ ଗହଳରେ ଏଇଭଳି ଶବ୍ଦ ଏବେବି କହୁଛନ୍ତି । ବନ୍ତିଳ ମାଇଁ ଚରିତ୍ରଟି ଏକ ଗାଁ ଝିଅ ଯିଏକି ବାହା ହୋଇ ଏବେ ସହରର ରହିଅଛନ୍ତି ।

ଏଣୁ ପାଠକମାନଙ୍କୁ ଅନୁରୋଧ ଏହି ଭାବ କୁ କଦର୍ଥ ନକରି ଲେଖାଟିକୁ ପଢ଼ିବେ । ଭାଷାକୁ ବିକୃତ କିମ୍ବା ଅନ୍ୟର୍ଥ କରିବାର ମୋର କୌଣସି ଉଦ୍ଦେଶ୍ୟ ନୁହଁ । )

ରଚନା : ୦୭ ସେପ୍ଟେମ୍ବର୍ ୨୦୧୨

ଜୟ ଓଡ଼ିଆ...ଜୟ ଓଡ଼ିଶା...ଜୟ ଜଗନ୍ନାଥ...!!!



# ଖରା

ବିକ୍କି ମିଶ୍ର

ତୁମ ତମାମ୍ ଦହନରେ

ନିଜକୁ ହଜେଇ ସାରିବା ପରେ

କ'ଣ ଆଉ ଫରକ୍ ଅଛି କୁହ ତ

ଜିଇଁବା କି ଜଳିବା ଭିତରେ ?

ଭିଜିବା କି ସିଝିବା ଭିତରେ ??

କେବେ ମୁଁ...

ଶୋଷିଲା କାଉର ଥଣ୍ଟରେ

ଗୋଡ଼ି ପରେ ଗୋଡ଼ିର

ତହ ତହ ପ୍ରତୀକ୍ଷା ତ

କେବେ ଅଧାଭର୍ତ୍ତି ମାଠିଆର ଅଭିମାନ !!

ହଁ, ଏଇମିତି

ତୁମେ ଦିନେ ଫେରିଯିବ

ଆଉ ଚୁମିଯିବ

ଦରଦୀ ଲୁହର ବୁନ୍ଦା ବୁନ୍ଦା ବର୍ଷା

ଏ ଦେହର ଦରଜ ମାଟିକୁ... !!!

# ମୋ ଭ୍ରମଣ କାହାଣୀ – ଟରୋଣ୍ଟୋ -୨

( ପୂର୍ବ ପ୍ରକାଶିତ ଉତ୍ତାରୁ )

ପ୍ରଶାନ୍ତ କୁମାର ଭୂୟାଁ

ରଚନା – ୦୨ ନଭେମ୍ବର ୨୦୧୦






ଆରେ ବାଃ, ଆପଣମାନେ ତ ପୁରା ପ୍ରସ୍ତୁତ ହୋଇ ରହିଛନ୍ତି ଶୁଣିବା ପାଇଁ ମୋର ଭ୍ରମଣ କାହାଣୀ କଥା। ଚାଲନ୍ତୁ, କହିବି ସବୁ ଅଙ୍ଗେ ନିଭେଇବା କଥା ଟରୋଣ୍ଟୋ ସହରର । ଟାଉନ୍ ଇନ୍ ର ଏହି ହୋଟେଲଟିରେ ରହିବାଟା ଟିକିଏ ଅଡୁଆ ଲାଗୁଥିଲା ଆମକୁ । ମୁଁ ମୋର ଏହି ଅସମଞ୍ଜସତା ଆସି ଏହି ହୋଟେଲର ମ୍ୟାନେଜରଙ୍କୁ କହିଲି । ସେ ମୋର କଥାଶୁଣି ବୁଝିଲେ ଏବଂ ନିଜେ ଗୋଟିଏ ଦୁଇଟି ହୋଟେଲର ଠିକଣା ଦେଇ , ସେଠାକୁ ଯାଇ ଦେଖିଆସିବାକୁ କହିଲେ । ମୁଁ ପ୍ରଥମେ ବ୍ଲୋର୍ ସବ୍‌ୱେ ଷ୍ଟେସନ ନିକଟସ୍ଥ କମ୍‌ଫର୍ଟ ଇନ୍‌କୁ ପ୍ରଥମେ ଗଲି ଏବଂ ସେଠାକାର  ପରିବେଶ , ହୋଟେଲ୍ ରୁମ୍ ସବୁ ବୁଲି ଦେଖିଲି । ହୋଟେଲ ରିସେପ୍‌ସନ୍‌ରେ ଯାଇ ସବୁ ଆଖପାଖରେ ଥିବା ସୁବିଧା ବୁଝିଲି ଏବଂ ସବୁ ଜାଣିବା ପରେ ହିଁ ରୁମ୍ ବୁକ୍ କରିବସିଲି । ମୋର ସ୍ତ୍ରୀ ଟିସିଏସ୍‌ରେ ଚାକିରି କରୁଥିବା ଯୋଗୁଁ ରୁମ୍‌ବୁକ୍ କରିଲା ବେଳେ ଆମକୁ କର୍ପୋରେଟ୍ ଡିସ୍‌କାଉଣ୍ଟ ୨୦% ରିହାତି ମିଳିଲା । ଏହା ଜାଣି ବହୁତ ଖୁସି ଲାଗିଲା । କଥାରେ ଅଛି "ପୋଡ଼ାଘରୁ

ବାଉଁଶଟିଏ ଭିଡ଼ିଦେଲେ କାହିଁରୁ କେତେ" ଏଣୁ ଗୋଟିଏ ଦିନକୁ ଯଦି ୨୦୦୦ଟଙ୍କା ଉଣା ପଡ଼ିଲା ତାହା ନିଶ୍ଚୟ ଭାବେ ଲାଭଦାୟକ । ଏଇଠି ଗୋଟିଏ କଥା କୁହେ, ଯେତେବେଳ ଠାରୁ ଟରୋଣ୍ଟୋରେ ପାଦ ପଡ଼ିଛି ମନରେ ଗୋଟିଏ ଅଜବ ଅଭ୍ୟାସ ଜାତ ହୋଇଛି ଏବଂ ଏଥିରୁ ଆଶଙ୍କା ବି ଉପୁଜିଅଛି । ତାହା ହେଉଛି ଗୁଣନ । ଆପଣ ଭାବୁଥିବେ , ଆରେ ବାବୁ ଗୁଣନ କରିବାରେ ଆଶଙ୍କା କଣ ? ତେବେ ଶୁଣନ୍ତୁ , ଆମେ ହେଲେ ଭାରତୀୟ ଆଉ ଏଠାକାର ୧ ଡଲାର, ଆମର ୫୦ ଟଙ୍କା ସହ ସମାନ । ଏଇଠି ଯିଏ ଯାହା ଦରଦାମ କହିଲା ମୁଁ ସଙ୍ଗେ ସଙ୍ଗେ ୫୦ ଗୁଣିଦିଏ ଏବଂ ଏଥିରୁ ଯେଉଁ ସଂଖ୍ୟା ବାହାରେ ତାହା ବହୁତ ବଡ଼ ଲାଗେ । ଏଇ ଦେଖୁନାହାନ୍ତି , ସେ କହିଲେ ରୁମ୍ ଭଡ଼ା ୨୦୦ଡଲାର , ଆଉ ମୁଁ ଗୁଣନ କରି ଦେଖିଲି ୧୦୦୦୦ଟଙ୍କା । କେମିତି ଲାଗିଥିବ ଟିକେ ଭାବନ୍ତୁ ତ ଦେଖି । ଏକ ମଧ୍ୟବିତ୍ତ ପରିବାରର ପିଲା ହିସାବରେ ମୁଁ ଭାବୁଥିଲି ବ୍ରହ୍ମପୁରର ଚାରିମାସର ଘରଭଡ଼ା ଏଠାକାର ଗୋଟିଏ ଦିନର ରୁମ୍ ଭଡା ସହ ସମାନ । ଏହି ଗୁଣନ ହିଁ ଆମକୁ ପ୍ରଥମେ ପ୍ରଥମେ ବହୁତ ଜାଗାରେ ହାତଘୁଞ୍ଚା କରାଉଥିଲା ସେ ଯାହାହେଉ, ପୁରୁଣା ହୋଟେଲକୁ ଫେରି ସବୁ ଜିନିଷପତ୍ର ଧରି ଏହି ନୂଆ ହୋଟେଲ "କମ୍‌ଫର୍ଟ ଇନ୍" କୁ ଆସିଲି । ରୁମ୍‌ରେ ଜିନିଷପତ୍ର ସଜାସଜି କଲାପରେ ବୁଲି ବାହାରିଲି ସେହି ଅଞ୍ଚଳକୁ ଜାଣିବାକୁ ।

ସହରର ରାସ୍ତା ଓ ଫୁଟ୍‌ପାଥ୍ ସବୁ ଅତି ନିର୍ମଳ ଓ ସୁନ୍ଦର ଥିଲା । ଲୋକ ଗହଳ ଚହଳ ସେତେବେଶୀ ନଥିଲା । ମୋତେ ଏହା ବହୁତ ଭଲ ଲାଗୁଥିଲା ଯେ ଏଠି ସବୁ ଦେଶ ଓ ଜାତିର ଲୋକମାନଙ୍କୁ ଦେଖିପାରୁଥିଲି । ରାସ୍ତାରେ ଗଲାବେଳେ ଦେଖିଲି ଯେ ରାସ୍ତା କଡ଼ରେ କେହିଜଣେ ଗୋଟିଏ ସୁନ୍ଦର ଶେଯଟିଏ ଫୋପାଡ଼ି ଦେଇଛନ୍ତି । ଏହା ହୁଏତ କେତେଜଣଙ୍କୁ ଅଡୁଆ ଲାଗିପାରେ ହେଲେ ବିଦେଶରେ ଏହା ଏକ ସାଧାରଣ କଥା । କୌଣସି



ଜିନିଷର ଯଦି ବ୍ୟବହାର ନହୁଏ ତେବେ ଏମାନେ ଏହିଭଳି ଆଣି ବାହାରେ ରଖିଦିଅନ୍ତି । ମେଲ୍‌ବୋର୍ଣ୍ଣରେ ରହିଥିବା ବେଳେ ଏହା ସବୁ ଦେଖି ଦେଖି ମୁଁ ଅଭ୍ୟସ୍ତ ହୋଇସାରିଥିଲି

। ଆପଣ ଯଦି ରାସ୍ତାରେ ବୁଲଚାଲ କରିବେ ତେବେ ଦେଖିବେ ଗଦି, ସୋଫା, ଟିଭି, ରେଫ୍ରିଜେରେଟର୍ ସବୁ ଏହିଭଳି ଏଠି ସେଠି ଜମା ହୋଇଥିବ । ଆପଣ ଯଦି ଚାହାଁନ୍ତିତେବେ ଏହାକୁ ଆଣି ବ୍ୟବହାର କରିପାରିବେ ଯଦି ତାହା ବ୍ୟବହାରଯୋଗ୍ୟ ଥାଏ ।

ମେଲ୍‌ବୋର୍ଣ୍ଣରେ ଥିଲାବେଳେ ମୋତେ କେତେଜଣ ଭାରତୀୟ କହୁଥିଲେ, ପ୍ରଶାନ୍ତ ସାର୍ ଏଠାରେ ଆସବାବ ପତ୍ର ସବୁ କିଣିବା ଦରକାର ନାହିଁ । ଯଦି ଆପଣଙ୍କର ଧୈର୍ଯ୍ୟଥାଏ ଦୁଇ ତିନି ସପ୍ତାହ ଏଠାରେ ବିଭିନ୍ନ ଅଞ୍ଚଳ ବୁଲି ଆସନ୍ତୁ ସବୁ ମିଳିଯିବ । ସେତେବେଳେ ମୁଁ ସେମାନଙ୍କୁ ପଚାରିଥିଲି ଯଦି କେହି ୨/୩ ମାସ ପାଇଁ ଆସେ ତାହାହେଲେ କଣ କରିବ ? ବନ୍ଧୁଜଣଙ୍କ ହସିହସି କହି ଉଠିଥିଲେ, ଆରେ ବାଃ, ଯେ କେହି ୨/୩ମାସ ପାଇଁ ଏଠାକୁ ଆସନ୍ତି ସେମାନଙ୍କର ତ ପଞ୍ଚମରେ ବୃହସ୍ପତି ବୋଲି ଜାଣ ! ସିଧା ଦୋକାନକୁ ଯାଇ, ନୂଆ ଜିନିଷ କିଣି ଆଣ ଆଉ ଯିବା ପୂର୍ବରୁ ଫେରାଇ ଦେଇ ଯାଅ । ଆଉ ନିଜର ପୂରା ପଇସା ଫେରିପାଅ ।

ହଁ, ଏହା ପ୍ରକୃତରେ ସତକଥା , ବିଦେଶରେ ଏହି ସୁବିଧାଟି ଅଛି । ତିନିମାସ ଭିତରେ ଆପଣ ଜିନିଷ ( ଯାବତୀୟ ବ୍ୟବହାର୍ଯ୍ୟ / ଆସବାବ ପତ୍ର ) ଫେରାଇ ନିଜର ପୂରା ପଇସା ଫେରିପାଇପାରନ୍ତି । ଯେଉଁମାନେ ଏହିଭଳି କରନ୍ତି ସେମାନେ ଗଡ଼ ଜିଣିଲା ଭଳି ହୁଅନ୍ତି । କିନ୍ତୁ ଏହିଭଳି ବୁଦ୍ଧି ଯୋଗୁଁ ହିଁ ଆମର ଭାରତୀୟ ମନୋଭାବ ଏମାନେ ଠଉରାଇ ପାରନ୍ତି । ସେମାନେ ଏହା ମଧ୍ୟ ଖୋଲା ଭାବେ କୁହନ୍ତି ଯେ ଏସିଆର ଲୋକମାନେ ବହୁତ ମାଗଣା ପ୍ରିୟ । ଏହାକୁ ପ୍ରମାଣ କରିବାରେ ଅଧିକାଂଶ ଭାରତୀୟ ସେମାନଙ୍କର ସଙ୍ଗ ଦେଇଥାନ୍ତି ମଧ୍ୟ । ସେମାନେ ଏହି ସୁବିଧା ଜନତାଙ୍କ ସୁବିଧା ଓ ଲାଭପାଇଁ ଦେଇଥାନ୍ତି ,କିନ୍ତୁ ଏହାର ଦୁରୁପଯୋଗ କରିବା ଯୁକ୍ତିସଙ୍ଗତ ନୁହଁ ବୋଲି ମୁଁ କହିବି ।



ରାସ୍ତାରେ ଗଲାବେଳେ ଗଛଗୁଡ଼ିକରେ ଅନେକ କଳା ଗୁଣ୍ଡୁଚିମୂଷା ଦେଖିଲି । ପଚାରି ବୁଝିଲି ଯେ ଏଠାରେ ଏହିମାନଙ୍କର ପ୍ରାଦୁର୍ଭାବ ବେଶୀ । ହାତଠାରି ସୁସୁରି ମାରି ଡାକିବାରୁ ଗୋଟିଏ

ଗୁଣ୍ଡୁଚିମୂଷା ମୋ ନିକଟକୁ ନ ଡରି ଚାଲିଆସିଲା । କିନ୍ତୁ, ଏଠାକାର ନିୟମ ଅନୁସାରେ ଯଦି ଏମାନଙ୍କୁ ଆମେ ଖାଇବାକୁ ଦେବା ତାହାହେଲେ ୭୫୦୦ଟଙ୍କା ରୁ ୧୦୦୦୦ଟଙ୍କା ଜୋରିମାନା ଦେବାକୁ ହୁଏ ବୋଲି ପଢ଼ିଥିଲି ଏଣୁ ସାହାସ କରି ପାରିଲିନି ତାକୁ କିଛି ଦେବାକୁ । ସେ ଗୋଟିଏ ନିରାଶା ଚାହାଣୀ ଦେଇ ପୁଣି ସେଇ ରଙ୍ଗବିରଙ୍ଗର ପତ୍ର ଗହଳରେ ପୁଣି ଅଦୃଶ୍ୟ ହୋଇଗଲା ।

ସେଠାକାର ଗୋଟିଏ ପରିବା ଦୋକାନକୁ ଗଲି । ସତେଜ ପରିବା ସବୁ ଅତି ସୁନ୍ଦର ଭାବେ ସଜା ହୋଇଥାଏ । ୟୁନିଫର୍ମ୍ ପିନ୍ଧା ଜଣେ କାନାଡ଼ିଆନ୍ - ପଞ୍ଜାବୀ ଭାଇ ଆସି ମୋତ ସହାୟତା କରିବାକୁ ଚାହିଁଲେ । ମୁଁ ହିନ୍ଦୀରେ ତାଙ୍କୁ କିଛି ପଚାରିବାରେ ସେ କହିଲେ ଯେ ସେ ହିନ୍ଦୀ ସହ ଏତେ ପରିଚିତ ନୁହଁନ୍ତି । ଏଣୁ ମୁଁ ଇଂରାଜୀରେ ତାଙ୍କସହ କଥା ହୋଇ ସବୁ ପରିବାର ଦର ପଚାରି ବୁଝିଲି । ସବୁ ଦର ଶୁଣିବା ପରେ ଭାବିଲି ବୋଧହୁଏ ଖାଲି ହାତରେ ଫେରିବାକୁ ପଡ଼ିବ । କିନ୍ତୁ ଖାଇବାକୁ ତ ପଡ଼ିବ, ଏହା ଭାବି କିଛି କିଛି ପରିବା ଆଉ ଚାଉଳ କିଣି ଆସିଲି । ଚାଲନ୍ତୁ ମୁଁ ଆପଣଙ୍କୁ ୨୦୧୦ର ସେଠାକାର ପରିବା ର ଦର ଟିକେ ଲେଖିଜଣାଇଦିଏ । ଏଠାରେ ସବୁ ପାଉଣ୍ଡ ( ୪୫୪ ଗ୍ରାମ୍ ପ୍ରାୟ ) ହିସାବରେ ଦର ଲେଖା ହୋଇଥାଏ । ହେଲେ ମୁଁ ଏଠାରେ କିଲୋ ହିସାବରେ ଏହା ଲେଖୁଛି ।



ଗାଜର – ୨୫୦ଟଙ୍କା, ବାଇଗଣ – ୩୫୦ଟଙ୍କା, ବିନ୍ସ୍ - ୪୦୦ଟଙ୍କା, ଫୁଲକୋବି – ୩୫୦ଟଙ୍କା, ଟମାଟୋ – ୨୦୦ଟଙ୍କା, ଲେମ୍ବୁ – (୨/୩ଟି)- ୫୦ଟଙ୍କା, କଞ୍ଚା ମରିଚ -୫୦୦ଟଙ୍କା , ଗୋଟିଏ ପାଉରୁଟି ୧୫୦ଟଙ୍କା ଏବଂ ଭଲ ବାସମତି ଚାଉଳ ୧୫୦ଟଙ୍କା । ଅଳ୍ପ ବହୁତ କିଛି ଆଣିଲି ଆଉ ହୋଟେଲ ରୁମ୍‌ରେ ଥିବା ରେଫ୍ରିଜେରେଟର୍‌ରେ ସବୁ ଧୋଇ ସଜାଇ ରଖିଲି ଅତି ଯତନରେ । ଦେଖିଲା ପରେ ଲାଗୁଥିଲା ସେଗୁଡ଼ାକ ସତେ ଯେପରି ସୁନାରୂପା

ଗୁଡ଼ାକ ।



ସନ୍ଧ୍ୟାବେଳେ ନିକଟରେ ଥିବା ହର୍ବର୍ ଫ୍ରଣ୍ଟକୁ ବୁଲିବାକୁ ଗଲୁ ଦୁହେଁ । ଅତି ସୁନ୍ଦର ନିର୍ମଳ ମନୋରମ ପରିବେଶଟିଏ । ଅନତି ଦୂରରେ ସେଣ୍ଟର୍ ଆଇଲ୍ୟାଣ୍ଡଟି ଆହୁରି ସୁନ୍ଦର ଦିଶୁଥାଏ । ଲେକ୍ ଅଣ୍ଟାରିଓର ଜଳ ସମୂହ ଧିରେ ଧିରେ ପିଟି ହେଉଥାନ୍ତି କୂଳରେ । ମୃଦୁମନ୍ଦ ସମୀରଣର ସ୍ପର୍ଶ ପରିବେଶଟିକୁ ଆଉଟିକେ ରୋମାଞ୍ଚରେ ଭରିଦେଉଥାଏ । ବୃକ୍ଷଲତା ସବୁର ପତ୍ର ସବୁଜ ବର୍ଣ୍ଣହୀନ ହୋଇ ଆହୁରି ସୁନ୍ଦର ରଙ୍ଗ ବିରଙ୍ଗରେ ସଜେଇ ହୋଇ ପ୍ରକୃତିର ପରିପାଟୀକୁ ଆହୁରି ଲୋଭନୀୟ କରି ରଖିଥାନ୍ତି । ଜାହାଜ ସବୁ କୂଳରେ ଧାଡ଼ିବାନ୍ଧି ଠିଆ ହୋଇଥାନ୍ତି । ବିଭିନ୍ନ ରଙ୍ଗର ଛୋଟଛୋଟ ଜଳତରୀ ସବୁ ପାଣି ଭିତରେ ଏଣେତେଣେ ବୁଲୁଥାନ୍ତି ଠିଆ ହୋଇଥାନ୍ତି । ନିକଟରେ ସହରର ମଧ୍ୟଭାଗରେ ଥିବା ବିମାନ ବନ୍ଦରରୁ ପ୍ରତି ୫ମିନିଟ୍‌ରେ ଗୋଟିଏ ଗୋଟିଏ ବିମାନ ଗୁରୁ ଗର୍ଜନ କରି ଆକାଶକୁ ଡେଇଁ ପଡୁଥାନ୍ତି।



ସତରେ କହିବାକୁ ଗଲେ ପାଶ୍ଚାତ୍ୟ ଦେଶ ମାନଙ୍କରେ ଗଛ ପତ୍ର ସବୁର ବହୁତ ଯତ୍ନ ନିଆଯାଏ ଏବଂ ପରିବେଶ କୁ ଏମାନେ ଅତି ଆଦରରେ ରଖିଥାନ୍ତି । ଚାରିଆଡ଼େ ସବୁଜ ଶ୍ୟାମଳ ଘାସର ଗାଲିଚା । ମାଟି କାଦୁଅର ଚିହ୍ନବର୍ଣ୍ଣ ନାହିଁ । ଧୂଆଁ ଧୂଳିର ପ୍ରଦୂଷଣ ନାହିଁ । ଆପଣ ଏଠି ଧଳା ପୋଷାକ ପିନ୍ଧି ତଳେ ଶୋଇପାରିବେ ନିର୍ଦ୍ୱନ୍ଦରେ ।

ନିକଟରେ ଥିବା ବଗିଚାରେ ପିଲାମାନେ ମୁକ୍ତବିହଙ୍ଗ ଭଳି ବୁଲୁଥାନ୍ତି ଅତି ଆନନ୍ଦରେ ଓ ଅତି ନିର୍ଭୟରେ ।ଏଠାକାର ଛୋଟପିଲା ଓ ନାରୀ ମାନଙ୍କର ମୁକ୍ତ ବିଚରଣ ଏବଂ ନିଜକୁ ପରିପ୍ରକାଶ କରିବାର ଯେଉଁ ସ୍ପର୍ଦ୍ଧା ଅଛି ତାହା ଅତି ଅସାଧାରଣ । ବିଚରା ବାପାଟି ଗୋଟିଏ ଠେଲାଗାଡ଼ି ଧରି ସେମାନଙ୍କୁ ଅନୁସରଣ କରିବାର କୌଣସି



ପନ୍ଥା ନଥାଏ । ଆଦେଶ ପାଇଲା କ୍ଷଣି ସେହି ଠେଲା ଗାଡ଼ିରୁ କ୍ଷୀର, ପାଣି , ଟିସୁ ପେପର୍ ସବୁ କାଢ଼ି ତୁରନ୍ତ ବଢ଼ାଇବାରେ ଏମାନେ ସିଦ୍ଧହସ୍ତ । ଏଥିରେ ଏମାନଙ୍କର

ପୁରୁଷପଣିଆରେ ଆଞ୍ଚ ଆସେନି । ଏମାନେ ବରଂ ଏଥିରେ ଅତି ଗର୍ବ ଅନୁଭବ କରନ୍ତି । ନିଜ ସ୍ତ୍ରୀକୁ ସମ୍ମାନ ଦେବାରେ ଏମାନେ କୌଣସି ଅପରାଧ ମନେ କରନ୍ତି ନାହିଁ । ବରଂ ଗୋଟିଏ ଉତ୍ତମ ବନ୍ଧୁ ଭଳି ସମସାମୟିକ ବ୍ୟବହାର ଦେଖାନ୍ତି । ବାପା ଓ ମା'ମାନେ ନିଜର ପିଲାମାନଙ୍କୁ ଅତି ଆଦରରେ ସମ୍ବୋଧନ କରିବାର ଏଠାରେ ଦେଖାଯାଏ । କେହି ମଧ୍ୟ ପିଲାମାନଙ୍କୁ ରାସ୍ତାରେ କିମ୍ବା ସର୍ବସାଧାରଣ ସ୍ଥଳରେ ରାଗିପାଚି ପାଟି କରିବାର ଦେଖାଯାଏ ନାହିଁ । ଯଦି କୌଣସି ଛୋଟ ପିଲା କିଛି ପଚାରେ ତାହାହେଲେ ତାର ବାପା ହେଉ ବା ମାଆ, ଅତି ଆଦରରେ ଏକ ଅଭିଜ୍ଞ ଶିକ୍ଷକ ଭଳି ତାହା ବୁଝାଇବାରେ ହେଳା କରନ୍ତି ନାହିଁ । ଏହି ସବୁ ମୁଁ ସେଠାରେ ଅନୁଧ୍ୟାନ କରୁଥିଲି ଆଉ ଆମ ଦେଶର ପିତାମାତା ଓ ଶିଶୁଙ୍କ ସହ ତୁଳନା କରୁଥିଲି । କିଛି ଅଡୁଆ ଖିଅ ଯୋଡୁଯୋଡୁ ରାତି ନଇଁ ଆସିଥିଲା ସହର ଉପରେ । ଫେରିବାକୁ ହେବ ହୋଟେଲ ରୁମ୍‌କୁ ଆଉ କାଲି ପୁଣି ନୂଆ ଘର ଖୋଜିବାକୁ ଯିବାକୁ ହେବ ,ଏଣୁ ଫେରିବାକୁ ହେବ । ଚାଲନ୍ତୁ, ଆଜି ଏଇଠି ରଖିବି ଏଇ ଭ୍ରମଣ କାହାଣୀକୁ । ପୁଣିଥରେ ନୂଆ କଥା ନେଇ ଆସିବି ପର ଅଧ୍ୟାୟରେ । ଧନ୍ୟବାଦ ।

( କ୍ର ମ ଶଃ )

# ଶେଷ ସମ୍ବାଦ

ବିଗତ ମାସର ଆହ୍ବାନ ପ୍ରକାଶିତ ହେବାପରେ ବହୁତ ସଂଖ୍ୟାରେ ନୂତନ ପାଠକ ସୃଷ୍ଟି କରିବାରେ ଆହ୍ବାନ ସକ୍ଷମ ହୋଇପାରିଥିଲା, ଏହାର ସଦ୍ୟ ଉଦାହରଣ ଚଳିତ ସଂସ୍କରଣ ହୋଇପାରେ। ଏହି ସଂସ୍କରଣରେ ପ୍ରକାଶନ ହେତୁ ସର୍ବାଧିକ କୃତୀ ପ୍ରଥମ ଥର ପାଇଁ ଆହ୍ବାନକୁ ଲେଖା ଦେଉଥିବା ଲେଖକ ଲେଖିକା ମାନଙ୍କର ସଂଗ୍ରହ ହୋଇଥିଲା। ଦିନକୁ ଦିନ ଓଡ଼ିଆ ସାହିତ୍ୟ ପତ୍ରିକା କ୍ଷେତ୍ରରେ ନୂତନ ଉଦାହରଣ ସୃଷ୍ଟି କରି ଚାଲୁଥିବା ଆହ୍ବାନର ଉତ୍ତରୋତ୍ତର ଉନ୍ନତି କାମନା କରି ଅନେକ ବନ୍ଧୁ ଶୁଭେଚ୍ଛାବାର୍ତ୍ତା ମାନ ଆମ ଫେସବୁକ୍ ଗ୍ରୁପରେ ଏବଂ ସମ୍ପାଦକଙ୍କୁ ବ୍ୟକ୍ତିଗତ ଭାବରେ ଇ -ମେଲ୍ ଦ୍ବାରା ଜଣାଇଛନ୍ତି। ସେହି ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଉଛି। ଚଳିତ ସଂସ୍କରଣକୁ ବ୍ୟଙ୍ଗ ସାହିତ୍ୟ ପାଇଁ ସମର୍ପିତ କରାଯାଇଛି। ଏଥିରେ ସର୍ବାଧିକ ବ୍ୟଙ୍ଗ କଥା ହିଁ ପ୍ରକାଶ ପାଇଛି। ଆଶା କରୁଛି ଆପଣ ମାନଙ୍କୁ ଭଲ ଲାଗିଥିବ।

ଯେଉଁ ବନ୍ଧୁମାନଙ୍କ କଥା କିମ୍ବା କବିତା ଚଳିତ ସଂସ୍କରଣରେ ସ୍ଥାନ ପାଇନାହିଁ ସେମାନେ ଦୟାକରି ହତୋତ୍ସାହିତ ହୁଅନ୍ତୁ ନାହିଁ। ଆମ ପତ୍ରିକାର ଆଗାମୀ ସଂସ୍କରଣ ମାନଙ୍କରେ ଆପଣ ମାନଙ୍କ କଥା ଓ କବିତା ନିଶ୍ଚୟ ସ୍ଥାନ ପାଇବ। ଯେଉଁମାନେ ତଥାପି ଭାବୁଛନ୍ତି ଯେ କୌଣସି ପ୍ରକାର ଭୁଲ ହୋଇଛି, ସେମାନେ ସମ୍ପାଦକଙ୍କ ସହ ଇ-ପତ୍ରାଳାପ (by email - aahwaan@gmail.com) କରି ନିଜର ସମସ୍ତ ପ୍ରଶ୍ନର ଉତ୍ତର ପାଇ ପାରିବେ।

ଚଳିତ ସଂସ୍କରଣ ପାଇଁ କୌଣସି କବିତା ଫେସ୍‌ବୁକ୍‌ର କୌଣସି ଗ୍ରୁପରୁ ନିଆଯାଇନାହିଁ। ଯେଉଁ ବନ୍ଧୁମାନେ ଆମ ସମ୍ପାଦକଙ୍କ ନିକଟକୁ ଇ-ମେଲ୍ ଦ୍ବାରା ଲେଖାପଠାଇଛନ୍ତି କେବଳ ସେମାନଙ୍କ ଲେଖା ହିଁ ପ୍ରକାଶିତ ହୋଇଛି। ବିଗତ ସଂସ୍କରଣ ତୁଳନାରେ ଚଳିତ ସଂସ୍କରଣରେ ଅଧିକ ପରିମାଣର ଗଳ୍ପ ଓ ପ୍ରବନ୍ଧ, ଭ୍ରମଣ କାହାଣୀ ତଥା ଅନୁଭୂତି କଥା ଆଦି ସ୍ଥାନ ପାଇଛି।

ଆଗାମୀ ସଂସ୍କରଣ ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହ ସୁଦ୍ଧା ପ୍ରକାଶିତ ହେବ, ତେଣୁ ନିଜ ନିଜେ ଲେଖା ଖୁବ୍ ଶୀଘ୍ର ସମ୍ପାଦକଙ୍କୁ ପଠାଇବାର ବ୍ୟବସ୍ଥା କରନ୍ତୁ।

# ବିଶେଷ ସୂଚନା

ଆହ୍ବାନ ଇ-ପତ୍ରିକାର ଏକ ମୁଦ୍ରିତ ପୁସ୍ତିକା ଖୁବ୍ ଶୀଘ୍ର ପ୍ରକାଶିତ ହେବ। ଏକ ବିଶେଷ ସଂସ୍କରଣ ଭାବରେ ଏହାକୁ କେବଳ ଆହ୍ବାନ ପତ୍ରିକାର ବିମୁଗ୍ଧ ପାଠକ ପାଠିକାଙ୍କ ପାଇଁ ବିକ୍ରୟ ହେତୁ ପ୍ରକାଶିତ କରାଯିବ। ଏଥିରେ ଓଡ଼ିଆରେ ଲିଖିତ ସମ୍ପୂର୍ଣ୍ଣ ମୌଳିକ ଲେଖା (ଯାହା ଆଗରୁ କୌଣସି ସ୍ଥାନରେ ପ୍ରକାଶିତ ହୋଇ ନଥିବ / ଫେସ୍‌ବୁକ୍‌ରେ ପ୍ରକାଶିତ ହୋଇନଥିବ) ଆମ ନିକଟକୁ ପଠାନ୍ତୁ। ଏଥି ନିମନ୍ତେ ପ୍ରବନ୍ଧ, ଗଳ୍ପ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, ବ୍ୟଙ୍ଗ କାହାଣୀ, ଅନୁଭବ ଓ ଅନୁଭୂତିର କାହାଣୀ, ଜୀବନଚର୍ଯ୍ୟା, ସଂସ୍କୃତି, ସାମାଜିକ ଚଳଣି, ରୋଷେଇ, ପରିବାରଚର୍ଚ୍ଚା, କବିତା, ବ୍ୟଙ୍ଗ କବିତା ଆଦି ବିଷୟ ସମ୍ବଳିତ ଲେଖା ଏଥିରେ ସ୍ଥାନ ପାଇବ। ଏହା ବ୍ୟତିତ ଭିନ୍ନ ଭିନ୍ନ ସ୍ବାଦର ଅନେକ କାହାଣୀ ଏଥିରେ ସ୍ଥାନ ପାଇବ। ଉଚ୍ଚକୋଟୀର ଲେଖା ତଥା ଗବେଷଣାତ୍ମକ ଲେଖାମାନଙ୍କୁ ପ୍ରାଧାନ୍ୟ ଦିଆଯିବ। ଅଧିକ ସୂଚନା ନିମନ୍ତେ ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ |

(aahwaan@gmail.com / 9040985463)

ଆମେ ଆମର ସମସ୍ତ ପାଠକ ପାଠିକା ମାନଙ୍କୁ ଜଣାଇ ଦେଉଛୁ ଯେ ଏହି ପତ୍ରିକା ସହ ଜଡ଼ିତ ଲେଖକ, ଲେଖିକା, ସମ୍ପାଦକ ଏବଂ ଅନ୍ୟ ସମସ୍ତ ବ୍ୟକ୍ତି ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାରେ ଗୌରବ ପ୍ରାପ୍ତ କରନ୍ତି କିନ୍ତୁ ନିଜକୁ ଓଡ଼ିଆରେ ଜ୍ଞାନୀ କିମ୍ବା ପଣ୍ଡିତ ବୋଲି ଜଣାନ୍ତି ନାହିଁ। ତେଣୁ ଏଠାରେ ସ୍ଥଳ ବିଶେଷରେ ବିଭିନ୍ନ ଛୋଟବଡ଼ ଭୁଲ ରହିଥିବା ସ୍ବାଭାବିକ, ସେହି ସବୁ ଭୁଲକୁ ଅଣଦେଖା କରି ଏହି ପତ୍ରିକାର ଆନନ୍ଦ ନିଅନ୍ତୁ।




# ଆହ୍ବାନ ଇ-ପତ୍ରିକାର ଚଳିତ ସଂସ୍କରଣକୁ ଡ଼ାଉନଲୋଡ୍ କରିବା ଏବଂ ପଢ଼ିବା ପାଇଁ ଆମେ ଆପଣଙ୍କୁ ଧନ୍ୟବାଦ ଦେଉଛୁ ...

Please like us on Facebook at

http://www.facebook.com/odiaparibar
http://www.facebook.com/groups/aahwaan
http://www.facebook.com/groups/kathaokabita
http://www.facebook.com/groups/premakabita
http://www.facebook.com/groups/aamapiladina
http://www.facebook.com/jyoti.pattnaik

Please forward your comments and compliments to our Editor at
**aahwaan@gmail.com**
or call him on
**9040985463 / 9861962160**